**ସଂକ୍ଷେପରେ**

## ରଜାନହରଠାରେ କାର ଅଟକାଇ ଯାଞ୍ଚ କଲା ପୋଲିସ

ଜୟପୁର,୧୧ (ପବନ ପାଣିଗ୍ରାହୀ)

ମଦ୍ୟପାନ କରି କାର ଚଳାଉଥିବା ବେଳେ ପୋଲିସ ହାତରେ ଧରାପଡିଛନ୍ତି ଜଣେ କାର ଚାଳକ। ତାଙ୍କୁ କୋରାପୁଟ ଟାଉନଥାନା ପୋଲିସ ଅଟକ ରଖିଥିଲା। ସେ ହେଲେ ଲମତାପୁଟର ଶିବ ଦାରଲି (୪୦)। ଶିବ ମଦ୍ୟପାନ କିର କାର ଚଲାଇ ଆସୁଥିଲେ। ସେହି ସମୟରେ ସେ ଜୟପୁର ଟାଉନଥାନା ପୋଲିସ ହାତରେ ଧରାପଡିଥିଲେ। ପୋଲିସ କାରକୁ ରଜାନହରଠାରେ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ଚାଳକ ଶିବ ମଦ୍ୟପାନ କରି କାର ଚଳାଉଥିବା ସ୍ପଷ୍ଟ ହେବାରୁ ତାଙ୍କୁ ଅଟକ ରଖି ପୋଲିସ କାର ଜବତ କରିଥିଲା ବୋଲି ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର କହିଛନ୍ତି।

## ଡ୍ରାଇଭର ମହାସଂଘ ପକ୍ଷରୁ ଶୋକସଭା



ମାଲକାନଗିରି, ୧୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଓଡ଼ିଶା ଡ୍ରାଇଭର ମହାସଂଘ ଶାଖା ପକ୍ଷରୁ ରାଉଲିଗୁଡ଼ା ଗ୍ରାମରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ମାଲକାନଗିରି ବ୍ଲକ ଅନ୍ତର୍ଗତ ରାଉଲିଗୁଡା ଗ୍ରାମର ଡ୍ରାଇଭର ସହଦେବ ଧାକଡଙ୍କ ଗତ ୧୯ ତାରିଖରେ ମୃତ୍ୟୁ ହୋଇଥିଲା । ତେବେ ତାଙ୍କର ମୃତ୍ୟୁକୁ ନେଇ ଜିଲା ଡ୍ରାଇଭର ସଂଘ ପକ୍ଷରୁ ଶୋକସଭା କରିବା ସହ ସଂଘ ପକ୍ଷରୁ ତାଙ୍କର ପରିବାରବର୍ଗଙ୍କୁ ୧୫,୬୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଶୋକସଭାରେ ଜିଲା ସଂଘ ସଭାପତି ଚିତ୍ରସେନ ବେହେରା, ମାଲକାନଗିରି ବ୍ଲକ ସଭାପତି କ୍ରିଷ୍ଣା ଖିଲ, ଛତ୍ର ଗୁରୁ ଓ ସୋନୁ ଜେନାଙ୍କ ସମେତ ୭ଟି ବ୍ଲକର ଡ୍ରାଇଭରମାନେ ଯୋଗଦେଇଥିଲେ।

## ବାଇକକୁ ପିଟିଲା କାର: ଜଣେ ମୃତ

ଗୋପାଳପୁର,୧୧ (ନବୀନ ରାଜ ଆଚାରୀ)

ଗୋଲନ୍ଥରା ଥାନା ୧୬ ନମ୍ବର ଜାତୀୟ ରାଜପଥର ଗୋଲନ୍ଥରା ଚଟି ଛକ ନିକଟରେ ସୋମବାର ସନ୍ଧ୍ୟାରେ ବାଇକ ସହ କାର ଧକ୍କା ହୋଇ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଆଉ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ କୋଠାରସିଂ ଗ୍ରାମର ରୂପଙ୍ଗ ନାଇକ ଓ ଗୁରୁତର ହେଲେ ସୁନୀଲ ନାଇକ। ରୂପଙ୍ଗ ଓ ସୁନୀଲ ବାଇକରେ ସ୍ୱିକର ବକ୍ସ ଧରି ଚଟି ଗ୍ରାମ ଅଭିମୁଖେ ଆସୁଥିଲେ। ରାଜପଥ ପାର ହେଉଥିବା ବେଳେ ଭୁବନେଶ୍ୱରରୁ ବିଶାଖାପାଟଣା ଅଭିମୁଖେ ଯାଉଥିବା ଏକ କାର ତାଙ୍କୁ ଧକ୍କା ଦେବାରୁ ଉଭୟେ ବାଇକରୁ ଛିଟିକି ପଡିଥିଲେ। ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ପୋଲିସ ପହଞ୍ଚି ୨ ଗୁରୁତରଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ରୂପଙ୍ଗଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା ତାଙ୍କ ପରିବାର କହିଛନ୍ତି। କାର ଓ ବାଇକକୁ ପୋଲିସ ଜବତ କରି ଏକ ମାମଲା ରୁଜୁ ସହ ତଦନ୍ତ ଜାରି ରଖିଛି। ଅନ୍ୟ ପଟେ ଗୋଲନ୍ଥରା ଚଟି ଛକ ବ୍ଲାକ ସ୍ପଟ ରୂପେ ଚିହ୍ନଟ ହେବା ସହ ଅଣ୍ଡର ପାସ ନିର୍ମାଣରେ ବିଳମ୍ବ ଘଟୁଛି। ତୁରନ୍ତ ଏହା ନିର୍ମାଣ କରିବାକୁ ଦାବି ହୋଇଛି।

## ଜେସିବି ପୋଡ଼ିଲେ ଦୁର୍ବୃତ୍ତ

ଧରାକୋଟ,୧୧ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକ ସରଧାପୁର ପଞ୍ଚାୟତ କୁଶରାବ ଗ୍ରାମର ନୀଳାଞ୍ଚଳ ଗୌଡ଼ଙ୍କ ଜେସିବି ମେଶିନକୁ କେହି ଦୁର୍ବୃତ୍ତ ରବିବାର ବିଳମ୍ବିତ ରାତିରେ ପୋଡ଼ି ଦେଇଛନ୍ତି। ରବିବାର ଜିରୋ ନାଇଟ ପାଇଁ ସବୁଠି ପ୍ରାୟ ରାତି ୧୨ଟା ପର୍ଯ୍ୟନ୍ତ ଗହଳି ଥିଲା। ଏହାପରେ ରାତି ୧ଟାରେ ଜେସିବିରେ କେହି ନିଆଁ ଲଗାଇ ଦେଇଥିବା ନୀଳାଞ୍ଚଳ ଜାଣିବା ପରେ ଧରାକୋଟ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ଅଧିକାରୀ ଚିତ୍ତରଞ୍ଜନ ସାହୁଙ୍କ ନେତୃତ୍ୱରେ ଦମକଳ ବାହିନି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ ମଧ୍ୟ ଜେସିବିଟି ସମ୍ପୂର୍ଣ୍ଣ ଜଳିଯାଇଛି। ଧରାକୋଟ ଥାନାରେ ଅଭିଯୋଗ ହେବାପରେ ଥାନା ତରଫରୁ ତଦନ୍ତ ଆରମ୍ଭ ହୋଇଛି।

# ପୂଜାର୍ଚ୍ଚନା, ଭୋଜିଭାତରେ ପ୍ରଥମ ସକାଳ

କୋରାପୁଟ,୧୧ (ଅମିତାଭ ବେହେରା)

ପୂଜାର୍ଚ୍ଚନା ଓ ଭୋଜିଭାତରେ କୋରାପୁଟରେ ନୂଆବର୍ଷ-୨୦୨୪ର ପ୍ରଥମ ଦିନ କଟିଛି। ଲୋକେ ପ୍ରବଳ ଶୀତ ସତ୍ତ୍ୱେ ବଡ଼ି ଭୋରରୁ ସହରର ଶାବର ଶ୍ରୀକ୍ଷେତ୍ର ସମେତ ଗ୍ରାମଦେବୀ ମୁଠ୍ୟାଲୁମା ମନ୍ଦିର, ବାଟମଙ୍ଗଳା ମନ୍ଦିର ସମେତ ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନାକରି ନିଜ ପରିବାରର ଶୁଭ ମନାସିଛନ୍ତି। ସେହିପରି ଡୁମୁରିପୁଟ ରାମମନ୍ଦିରରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ନବବର୍ଷ ନିଜ ପରିବାର ତଥା ସମସ୍ତଙ୍କ ପାଇଁ ଖୁସି ଆଣିଦେଉ ବୋଲି ସମସ୍ତେ କାମନା କରିଥିଲେ। ରବିବାର ବିଳମ୍ବିତ ରାତିରେ ଜିରୋ ନାଇଟ ପର୍ଯ୍ୟନ୍ତ ସହରର ବିଭିନ୍ନ କ୍ଲବ ଓ ବିଭିନ୍ନ ଅନୁଷ୍ଠାନ ବାଣ ଫୁଟାଇ ନବବର୍ଷକୁ ସ୍ୱାଗତ କରିଥିଲେ । ସୋମବାର ନବବର୍ଷ ଅବସରରେ କୋରାପୁଟଠାରୁ ୧୫ କି.ମି. ଦୂର ତେଲେଙ୍ଗିର ଜଳଭଣ୍ଡାରରେ ଲୋକଙ୍କ ଭିଡ ଜମିଥିଲା । ଲୋକମାନେ ନିଜ ପରିବାର ଓ ସାଙ୍ଗସାଥୀଙ୍କ ସହ ଜଳଭଣ୍ଡାର ପାର୍ଶ୍ୱରେ ଭୋଜି କରି ଖୁସି ମନାଉଥିବା ଦେଖିବାକୁ ମିଳିଥିଲା। ସେହିପରି କୋରାପୁଟ ଜିଲାର ଦେଓମାଳି, ପଣ୍ଡି, ରାଣୀଡୁଡୁମା, ତେଲେଙ୍ଗିର ଜଳ ଭଣ୍ଡାର, କେଚେଲା, କୋଲାବ ଡ୍ୟାମ୍, ଗୁପ୍ତେଶ୍ୱର, ଡୁଡୁମା, ଗୁଲୁମି ଆଦି ସ୍ଥାନରେ ବହୁ ପର୍ଯ୍ୟଟକ ପ୍ରାକୃତିକ ପରିବେଶରେ ନୂଆବର୍ଷ-୨୦୨୪କୁ ସ୍ୱାଗତ କରି ପାଳନ କରିଥିଲେ।



ମନ୍ଦିରରେ ପୂଜାର୍ଚ୍ଚନା ପାଇଁ ଲୋକଙ୍କ ଭିଡ ।

# ଅଯୋଧ୍ୟାରୁ ଆସିଥିବା ଅଭିମନ୍ତ୍ରିତ ଅକ୍ଷତ ରଥକୁ ପ୍ରତି ଘରେ ପହଞ୍ଚାଇବାକୁ ପ୍ରସ୍ତୁତି

ଜୟପୁର, ୧୧ (ପବନ ପାଣିଗ୍ରାହୀ)

ଅଯୋଧ୍ୟା ଅଧିପତି ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି। ଏହି ଅବସରେର ଅଯୋଧ୍ୟାରୁ ଆସିଥିବା ଅଭିମନ୍ତ୍ରିତ ଅକ୍ଷତ ରଥ, ନିମନ୍ତ୍ରଣ ପତ୍ର ଓ ଫଟୋ ବଣ୍ଟନ ଅଭିଯାନ ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ସମନ୍ୱୟ ସମିତି ପକ୍ଷରୁ ଆରମ୍ଭ ହୋଇଛି। ପ୍ରତି ଘରେ ଏହାକୁ ପଞ୍ଚାଇବା ଲାଗି ସଂକଳ୍ପିତ ହୋଇଛି। ଚୈତନ୍ୟ ମନ୍ଦିରଠାରୁ ଗାୟତ୍ରୀ ପରିବାରର ନିରଞ୍ଜନ ପାଣିଗ୍ରାହୀ ଅକ୍ଷତ କଳସକୁ ଗ୍ରହଣକରି ଏକ ଭବ୍ୟ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ପ୍ରତ୍ୟେକ ସାହିର ବାସିନ୍ଦା ଅକ୍ଷତ କଳସ, ଫୁଲ, ଶଙ୍ଖ ଧ୍ୱନିରେ ଏହାକୁ ସ୍ୱାଗତ କରିଥିଲେ। ଉକ୍ତ କଳସକୁ ରବିବାର ନୂଆସାହି ପାର୍କ ଲାଇନସ୍ଥିତ କାଳିକୃଷ୍ଣ ସଂଘ ପକ୍ଷରୁ ସ୍ୱାଗତ କରାଯାଇଥିଲା। ରବିବାରଠାରୁ ଆସନ୍ତା ଏପ୍ରିଲ ୧୧ ଯାଏ ପ୍ରତ୍ୟେକ ଘରେ ଅଭିମନ୍ତ୍ରିତ ଅକ୍ଷତ ନିମନ୍ତ୍ରଣ ପତ୍ର ପ୍ରଦାନ କରାଯିବ। ଆସନ୍ତା ୨୨ରେ ପ୍ରତ୍ୟେକ ଘରେ ୫ଟି ଦୀପ ପ୍ରଜ୍ୱଳିତ କରି ଘଣ୍ଟ, କିର୍ତ୍ତନ କରିବାକୁ ଏହି ଅବସରରେ ସଚେତନ କରାଯାଇଛି । କାର୍ଯ୍ୟକ୍ରରେ ଆରଏସ୍ଏସ୍‌ର ନିରଞ୍ଜନ ମିଶ୍ର, ମୁରଲିମୋହନ ସାବତ, ସତ୍ୟବାନ ପଣ୍ଡା, ପରମାନନ୍ଦ ନାୟକ, ଗୁଲି ସାହୁ, ବାବୁ ରାୟ, ପାର୍ଥସାରଥି ପଣ୍ଡା, ଜ୍ୟୋତିରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଶୁଣ୍ଡି ପରିବାର ପକ୍ଷରୁ ସଫେଇ କାର୍ଯ୍ୟକ୍ରମ



ସଫେଇରେ ସାମିଲ ହୋଇଥିବା ଶୁଣ୍ଡି ପରିବାର ସଦସ୍ୟ।

ଦଶମନ୍ତପୁର,୧୧ (ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ସଦର ପଞ୍ଚାୟତସ୍ଥିତ ଶୁଣ୍ଡି ପରିବାର ପକ୍ଷରୁ ରବିବାର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ମୋହନ ବିଶୋୟୀଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ଚୋଳଗଙ୍ଗ ବିଶୋୟୀ, ସମ୍ପାଦକ କୌତୁକ ବିଶୋୟୀ, କୋଷାଧ୍ୟକ୍ଷ ଭୈରବ ପ୍ରସାଦ ବିଶୋୟୀଙ୍କ ସମେତ ଶତାଧିକ ଶୁଣ୍ଡି ସମ୍ପ୍ରଦାୟର ଲୋକେ ସାମିଲ ହୋଇଥିଲେ। ଏହି ପରିବାରର ସଦସ୍ୟମାନେ ସକାଳୁ ଥାନାଛକଠାରୁ ରାଧାକୃଷ୍ଣ ଆଦିବାସୀ ମହାବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱ ସଫେଇ କରିଥିଲେ। ପଡ଼ିଥିବା ଅଳିଆକୁ ସଫାକରି ସ୍ୱଚ୍ଛତାର ବାର୍ତ୍ତା ଦେଇଥିଲେ। ପ୍ରତ୍ୟେକ ସପ୍ତାହର ଶେଷ ରବିବାର ଦଶମନ୍ତପୁର, ବ୍ଲକଛକ ଓ ହାଟପଦା ଅଞ୍ଚଳରେ ଏପରି ସଫେଇ କାର୍ଯ୍ୟ କରାଯିବାକୁ ଶୁଣ୍ଡି ସମାଜ ପକ୍ଷରୁ ନିଷ୍ପତ୍ତି ହୋଇଥିବା ସଭାପତି ବିଶୋୟୀ କହିଛନ୍ତି।

# ଦୀକ୍ଷା ସେଠଙ୍କୁ ସଫଳତା

କୋରାପୁଟ,୧୧ (ଅମିତାଭ ବେହେରା)

**ଓଜେଏସ୍‌ରେ କୋରାପୁଟ ଝିଅ**

ଓଡ଼ିଶା ଜୁଡ଼ିସିଆଲ ସର୍ଭିସ୍ (ଓଜେଏସ୍)ରେ କୋରାପୁଟର ଝିଅ ଦୀକ୍ଷା ସେଠ ୪୮ ର୍‍ୟାଙ୍କ ରଖି ଜିଲା ପାଇଁ ଗୌରବ ଆଣିଛନ୍ତି। ଏହି ସଫଳତା ପାଇଁ ତାଙ୍କୁ ଜିଲାର ବିଭିନ୍ନ ମହଲରୁ ଶୁଭେଚ୍ଛା ମିଳିଛି। ରାଜ୍ୟରେ ଓଜେଏସ୍‌ର ୫୭ଟି ପଦବୀ ପାଇଁ ୩ ହଜାର ୫ ଶହ ପିଲାଙ୍କ ସହ ଦୀକ୍ଷା ପରୀକ୍ଷା ଦେଇଥିଲେ। ଏହି ପରୀକ୍ଷାରେ ତାଙ୍କୁ ସଫଳତା ମିଳିଛି। ପରୀକ୍ଷା ଦେଇଥିବା ପିଲାଙ୍କ ମଧ୍ୟରେ ଭାଏଭାକୁ ୧୦୧ ପିଲା ମନୋନୀତ ହୋଇଥିବା ବେଳେ ସେଥିରେ ଦୀକ୍ଷାଙ୍କ ର୍‍ୟାଙ୍କ ୪୮ ରହିଛି। କୋରାପୁଟ ଜିଲାରୁ ଦୀକ୍ଷା ଏକମାତ୍ର ପରୀକ୍ଷାର୍ଥୀ ରୂପେ ଓଜେଏସ୍ ପାଇଛନ୍ତି। ଦୀକ୍ଷାଙ୍କ ବାପା କୋରାପୁଟ ଦୃଷ୍ଟିବାଧିତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବସନ୍ତ କୁମାର ସେଠ ଏବଂ ଶିକ୍ଷୟିତ୍ରୀ ସ୍ନେହଲତା ଦେଈଙ୍କ ଝିଅ। ସେ କୋରାପୁଟ ଶିଶୁମନ୍ଦିରରେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରିବା ପରେ କଟକସ୍ଥିତ କଳିଙ୍ଗ ଭାରତୀ ରେସିଡେନ୍ସିଆଲ ମହାବିଦ୍ୟାଳୟରେ ଅଧ୍ୟୟନ ଶେଷକରି ବାଣୀବିହାରରେ ଆଇନ ପାଠକ୍ରମ ପଢ଼ିଥିଲେ। ଦୀକ୍ଷା ଓଜେଏସ୍ ପାଇଁ ୨୦୧୯ରୁ ନିଜ ପ୍ରସ୍ତୁତି ଆରମ୍ଭ କରି ୨୦୨୧ରେ ପ୍ରଥମେ ଓଜେଏସ୍ ପରୀକ୍ଷା ଦେଇଥିଲେ। ତେବେ ସାମାନ୍ୟ କାରଣରୁ ସେ ମେରିଟ୍ ତାଲିକାରୁ ବାଦ୍ ପଡ଼ିଥିଲେ। ଏଥିରେ ସେ ଭାଙ୍ଗି ନ ଯାଇ ପୁନର୍ବାର ୨୦୨୨-୨୩ ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥିଲେ ବୋଲି ଦୀକ୍ଷା କହିଛନ୍ତି। ମୋ ମାଆବାପାଙ୍କ ଆଶୀର୍ବାଦ ଏବଂ ବୁଦ୍ଧିଜୀବୀମାନଙ୍କ ପ୍ରୋତ୍ସାହନ ମୋତେ ଏହି ସଫଳତା ଦେଇଛି ବୋଲି ଏହି ଅବସରରେ ଦୀକ୍ଷା କହିଛନ୍ତି।



ମାଆବାପାଙ୍କ ସହ ଦୀକ୍ଷା।

## ଜିରୋ ନାଇଟ୍ ସେଲିବ୍ରେଶନ, ଦେବ ଦର୍ଶନରେ ନୂଆବର୍ଷକୁ ସ୍ୱାଗତ

ଜୟପୁର,୧୧ (ପବନ ପାଣିଗ୍ରାହୀ)

ପୁରୁଣା ବର୍ଷ-୨୦୨୩କୁ ବିଦାୟ ଦେଇ ୨୦୨୪କୁ ସ୍ୱାଗତ ଜଣାଇଛନ୍ତି ଜୟପୁରବାସୀ। ଶୀତଭିଜା କାକର ରାତିରେ ନୂଆବର୍ଷକୁ ସେଲିବ୍ରେଶନ କରିବାକୁ ସମସ୍ତେ ଏକାଠି ହୋଇଥିଲେ। ମହିଳାମାନେ ମଧ୍ୟ ଏଥିରେ ସାମିଲ ହେବାକୁ ପଛଘୁଞ୍ଚା ଦେଇ ନ ଥିଲେ। ଏହି ଅବସରରେ ଜୟପୁରର ବିଭିନ୍ନ ସାହିରେ କେକ୍ କଟା ହୋଇଥିଲା । ମହିଳାମାନେ ରାତି ୧୨ଟାରେ ଏକାଠି ହୋଇ ଭୋଜିଭାତ କରି ପରସ୍ପରକୁ ଅଭିନନ୍ଦନ ଜଣାଇଥିଲେ। ନିଜ ଘର ସମ୍ମୁଖରେ ରଙ୍ଗବେରଙ୍ଗର ଝୋଟି ଆଙ୍କି ସେମାନେ ପୁରୁଣା ବର୍ଷକୁ ବିଦାୟ ଦେଇ ନୂଆବର୍ଷକୁ ସ୍ୱାଗତ କରିଥିଲେ। ସୋମବାର ସକାଳୁ ଦେବଦେବୀଙ୍କ ଆଶୀର୍ବାଦ ଲାଗି ସହରର ବିଭିନ୍ନ ମନ୍ଦିରରେ ଭିଡ ଲାଗିଥିଲା। ଜୟପୁର ଜଗନ୍ନାଥ ମନ୍ଦିର ଓ ଉତ୍ତରମୁଖୀ ବଲ୍ଲଭ ନାରାୟଣ ମନ୍ଦିର, ଅଧିଷ୍ଠାତ୍ରୀ ମା' ଭଗବତୀ ଙ୍କ ମନ୍ଦିରରେ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ନୂଆବର୍ଷର ପ୍ରଥମ ଦିନରେ ବିଧାୟକ ତାରା ପ୍ରସାଦ ବିହିନୀପତିଙ୍କୁ ଜୟପୁରବାସୀ ଖୁବ୍ ଉତ୍ସାହର ସହ ସ୍ୱାଗତ କରିଥିଲେ। ଜୟପୁର ଆଖପାଖ ଗଡପଦର, ହାତୀଶାଳ, ପାତ୍ରପୁଟ, ଗାଗନାପୁର, ରାଣୀଗଡ, ଶୀତଳା ମନ୍ଦିରରେ ପିକ୍‌ନିକ କରିବାକୁ ଲୋକଙ୍କ ଭିଡ ଜମିଥିଲା। ପୋଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।



## ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ବୃଦ୍ଧାଙ୍କୁ ମିଳିଲା ସହାୟତା



ରଇବାରୀଙ୍କୁ ପିଇଓ ଭତ୍ତା ଅର୍ଥ ଦେଉଛନ୍ତି।

ଦଶମନ୍ତପୁର,୧୧ (ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଡୁମ୍ବାଗୁଡ଼ା ପଞ୍ଚାୟତର ଜଣେ ବୃଦ୍ଧା ବଞ୍ଚିଥିଲେ ସୁଦ୍ଧା ତାଙ୍କୁ ମୃତ ଘୋଷଣାକରି ବର୍ଷେ ହେଲା ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ କରାଯାଇଥିଲା। ଏବେ ତାଙ୍କୁ ପ୍ରଶାସନ ସହାୟତା ଯୋଗାଇଦେଇଛି। ସେ ହେଲେ ରାଇବାରୀ ଗୌଡ଼(୭୩)। ସ୍ୱାମୀ ରଘୁ ଗୌଡ଼ଙ୍କ ମୃତ୍ୟୁ ପରେ ସେ ପୁଅ ସୁଦର୍ଶନଙ୍କ ପାଖରେ ରହି ଆସୁଥିଲେ। ପରିଣତ ବୟସ ଯୋଗୁ କୁଲିବୃତ୍ତି କରିବାକୁ ଯାଇପାରୁ ନ ଥିଲେ। ବଞ୍ଚିଥିବା ସତ୍ତ୍ୱେ ରାଇବାରୀଙ୍କ ନାମରେ କେହି ବ୍ଲକ ସାମାଜିକ ସୁରକ୍ଷା କାର୍ଯ୍ୟାଳୟରେ ମୃତ ରିପୋର୍ଟ ଦାଖଲ କରିବାରୁ ସେ ବର୍ଷେ ହେବ ଭତ୍ତା ପାଇପାରୁ ନ ଥିଲେ। ଏନେଇ ଗତ ୨୭।୧୨।୨୩ରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଏହାକୁ ସାମାଜିକ କର୍ମୀ ଦୀପା ବାରିକ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଟୁଇଟ୍ ଯୋଗେ ଦୃଷ୍ଟି ଆକର୍ଷଣ କରିଥିଲେ। ଫଳରେ ପ୍ରଶାସନ ତତ୍ପରତା ପ୍ରକାଶକରି ବର୍ଷେ ହେଲା ଭତ୍ତାରୁ ବଞ୍ଚିତ ଥିବା ରାଇବାରୀଙ୍କୁ ସହାୟତାର ହାତ ବଢ଼ାଇଛି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଗୌରାଙ୍ଗ କୁଅଁରଙ୍କ ନିର୍ଦ୍ଦେଶରେ ଡମ୍ବାଗୁଡ଼ା ପିଇଓ ରବି ତାମ୍ବାର୍ବି ରାଇବାରୀଙ୍କ ନିକଟରେ ପହଞ୍ଚି ସହାୟତା ପ୍ରଦାନ କରିଛନ୍ତି। ସେହିଭଳି ଏହି ପଞ୍ଚାୟତର ରୂପଦେଈ ହିକକାଙ୍କୁ ୭ ମାସ, ଦୀପ ଜାନିଙ୍କୁ ୩ ମାସ, ବଳି ମୁଦୁଲିଙ୍କୁ ୭ ମାସ, ଝିର୍ମି ଜାନିଙ୍କୁ ୭ ମାସ ଓ ଅମ୍ବିକା ଜାନିଙ୍କୁ ୪ ମାସ ହେଲା ଭତ୍ତା ମିଳିନାହିଁ। ସମ୍ପୃକ୍ତ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ ଦିଗରେ ପ୍ରଶାସନ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ସଡ଼କ ସୁରକ୍ଷା ପରିବାର ରକ୍ଷା ସପ୍ତାହ ପାଳନ




ଅତିଥିମାନେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି ।

କୋରାପୁଟ,୧୧ (ଅମିତାଭ ବେହେରା)

ସଡ଼କ ସୁରକ୍ଷା ପରିବାର ରକ୍ଷା ସ୍ଲୋଗାନ ଦେଇ ସୋମବାର ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଇଛି । ଏହି ଅବସରର କୋରାପୁଟ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରୁ ଏକ ସଚେତନତା ରଥ ଶୁଭାରମ୍ଭ ହୋଇଛି। ଏହି ରଥକୁ ଜିଲ୍ଲାପାଳ ଅବଦଲ ଏମ୍. ଅଖତାର , ଏସ୍‌ପି ଅଭିନବ ସୋନକର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଜିଲାର ୧୪ଟି ବ୍ଲକ ପରିକ୍ରମା କରି ଜନସାଧାରଣଙ୍କୁ ଏହି ରଥ ସଚେତନ କରାଇବ। ଦୁଇଚକିଆ ଚଳାଇବା ସମୟରେ ସର୍ବଦା ହେଲ୍‌ମେଟ୍ ଓ ଚାରିଚକିଆ ଚଳାଇବା ସମୟରେ ସିଟ୍ ବେଲ୍ଟ ବ୍ୟବହାର କରିବା, ଗାଡ଼ି ଚଳାଇବା ସମୟରେ ମୋବାଇଲ ଫୋନ୍ ବ୍ୟବହାର ନ କରିବା, ଦ୍ରୁତଗତିରେ ଗାଡି ନ ଚଳାଇବା, ମଦ୍ୟପାନ କରି ଗାଡି ନ ଚଳାଇବା ଏବଂ ସର୍ବଦା ଟ୍ରାଫିକ ନିୟମ ପାଳନ କରିବାକୁ ସଚେତନତା ରଥ ଲୋକଙ୍କୁ ଅବଗତ କରାଇବ। ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ପରିବହନ ଅଧିକାରୀ ମାନସ ମିଶ୍ରଙ୍କ ସମେତ ବିଦ୍ୟାଳୟ ଛାତ୍ରୀଛାତ୍ରୀମାନେ ସାମିଲ ହୋଇଥିଲେ।

# ୧୬ କି.ମି. ରାସ୍ତାକୁ ଭଡା ୫୦ ଟଙ୍କା

ନନ୍ଦପୁର, ୧୧ (ଶଙ୍କରପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ସୀମାନ୍ତ ପଞ୍ଚାୟତଗୁଡିକରେ ଅଟୋଚାଳକମାନେ ଯାତ୍ରୀମାନଙ୍କଠାରୁ ଅଧିକ ଭଡା ନେଉଥିବା ଅଭିଯୋଗ ହେଉଛି। ବିଭିନ୍ନ ସ୍ଥାନକୁ ଯାତାୟତ କରୁଥିବା ପଞ୍ଚାୟତବାସୀଙ୍କଠାରୁ ଚାଳକମାନେ ଅଧିକଭଡା ଦାବି କରୁଛନ୍ତି। ମାତ୍ର ୧୬ କି.ମି. ରାସ୍ତା ପାଇଁ ଲୋକଙ୍କୁ ୫୦ ଟଙ୍କା ଭଡା ଦେବାକୁ ପଡୁଛି। ପାଡୁଆ, ଚାଟୁଆ, ପାଛଲୁଙ୍ଗ, ଅତଣ୍ଡା, ପରଜା ବଡପଡ଼ା ଓ ଗୋଲୁର ପଞ୍ଚାୟତରେ ଏପରି ଦେଖିବାକ ମିଳୁଛି। ଅନ୍ୟପକ୍ଷରେ ଅଟୋଚାଳକମାନେ ଗୋଟିଏ ଅଟୋରେ ୧୨ରୁ ୧୫ଜଣ ଯାତ୍ରୀ ବିପଦସଙ୍କୁଳ ଅବସ୍ଥାରେ ନେଉଛନ୍ତି। ଏହା ବିଭିନ୍ନ ସମୟରେ ବିପଦ ସୃଷ୍ଟି କରୁଛି। ଉକ୍ତ ଅଞ୍ଚଳରେ ଅନ୍ୟ କିଛି ବ୍ୟବସ୍ଥା ନ ଥିବାରୁ ଲୋକେ ବାଧ ହୋଇ ବିପଦସଙ୍କୁଳ ଅବସ୍ଥାରେ ଯାତ୍ରା କରିବାକୁ ବାଧ ହେଉଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଏଥିରେ ରୋକୋ ଲଗାଇବାକୁ ସାଧାରଣରେ ଦାବି ହେଉଛି।



ଅଟୋରେ ବିପଦସଙ୍କୁଳ ଅବସ୍ଥାରେ ଯାତ୍ରୀ ପରିବହନ କରାଯାଉଛି

# ଯୁଗ୍ମ ଶ୍ରମ କମିଶନରଙ୍କୁ ଦାବିପତ୍ର

ଜୟପୁର,୧୧ (ପବନ ପାଣିଗ୍ରାହୀ)

ଜୟପୁରସ୍ଥିତ ସେବା କାଗଜକଳ ଅବସରପ୍ରାପ୍ତ ଶ୍ରମିକ ଓ ସଂଘ ପକ୍ଷରୁ ଯୁଗ୍ମ ଶ୍ରମ କମିଶନରଙ୍କୁ ସୋମବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜୟପୁର ମୁଖ୍ୟ ଟ୍ରାଫିକ ଛକରୁ ଶୋଭାଯାତ୍ରାରେ ବାହାରି ଶ୍ରମ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଯୁଗ୍ମ ଶ୍ରମ କମିଶନର ଓ ଡିଏଲ୍ଓଙ୍କ ଅନୁପସ୍ଥିତିରେ ସହ ଶ୍ରମ ଅଧିକାରୀଙ୍କୁ ଦାବିପତ୍ର ଦେଇଥିଲେ। ସୋମବାର ଯୁଗ୍ମ ଶ୍ରମ କମିଶନରଙ୍କୁ ଭେଟି ପୁଣି ଆଲୋଚନା କରାଯିବ ବୋଲି ଶ୍ରମିକ ସଂଘ ସଭାପତି ପ୍ରମୋଦ ମହାନ୍ତି କହିଛନ୍ତି। ୨୦୨୦ରୁ ଏହି କାରଖାନା ମଦର ଆର୍ଥ କମ୍ପାନୀକୁ ବିକ୍ରିହେଲା ପରେ ଗତ ୪ବର୍ଷରେ ନୂଆ କମ୍ପାନୀ ୨୦୮ କୋଟି ଟଙ୍କା ଋଣ ନେଇଛି। ମାତ୍ର କାରଖାନା ଏପର୍ଯ୍ୟନ୍ତ ଠିକ୍ ରୂପେ ଚାଲନାହିଁ। ୨୦୨୩ ମାର୍ଚ୍ଚ ୧୭ରେ ମ୍ୟାନେଜମେଣ୍ଟ ମୃତ ଶ୍ରମିକଙ୍କ ପରିବାରକୁ ଗ୍ରାଚ୍ୟୁଇଟି ବାବଦ ପ୍ରାପ୍ୟ ଦେଇଦେବାକୁ ଡିଏଲ୍‌ସିଙ୍କୁ ଲିଖିତ ଭାବେ ଜଣାଇଥିଲା। ମାତ୍ର ଏ ପର୍ଯ୍ୟନ୍ତ ୪ଭାଗରୁ ଭାଗେ ମଧ୍ୟ ସେମାନଙ୍କୁ ପ୍ରାପ୍ୟ ପ୍ରଦାନ କରିନାହିଁ। କଞ୍ଚାମାଲ କେମିକାଲ ଅଭାବରୁ ଅଧିକାଂଶ ସମୟ କାରଖାନା ବନ୍ଦ ରହୁଛି। ଅଥଚ ଶ୍ରମିକମାନଙ୍କ ଦରମା ଓ ସର୍ଭିସ୍ କଣ୍ଡିସନ୍ କାଟିବାରେ ଲାଗିଛି। ଦରମା ସ୍ଲିପ୍, ପିଏଫ୍ ସ୍ଲିପ୍ ମଧ୍ୟ ମିଳୁନାହିଁ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ରର ନକଲ ରାଜ୍ୟ ମୁଖ୍ୟ ଶାସନ ସଚିବ, ୫-ଟି ଅଧ୍ୟକ୍ଷ,ଶ୍ରମମନ୍ତ୍ରୀ, ଶ୍ରମ କମିଶନର, ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକଙ୍କୁ ପ୍ରଦାନ କରାଯାଇଛି। ବିକ୍ଷୋଭ ଶୋଭାଯାତ୍ରା ଓ ସଭାକୁ ମିଳିତ କ୍ରିୟାନୁଷ୍ଠାନ କମିଟି ଅଧ୍ୟକ୍ଷ ଯୁଧିଷ୍ଠିର ରାଉଳ, ଶ୍ରମିକ ସଂଘ ସଭାପତି ପ୍ରମୋଦ ମହାନ୍ତି, ସାଧାରଣ ସମ୍ପାଦକ ପ୍ରଦୀପ ପାଣ୍ଡିଆ, ସମ୍ପାଦକ ବନମାଳୀ ପାତ୍ର, ନାରାୟଣ ଦାଶ, ବସନ୍ତ ବେହେରା, ପ୍ରମୋଦ ତିୱାରୀ, ଅଲେଖ ପାତ୍ର, କେ. ସତ୍ୟ ନାରାୟଣା, ଉମା ଶତପଥୀ, ପ୍ରହଲ୍ଲାଦ ମଲ୍ଲିକ, ବିଚିତ୍ର ରାଉତରାୟ ପରିଚାଳନା କରିଥିଲେ।




ଦାବିପତ୍ର ଦେବାକୁ ଆସିଥିବା ଅବସରପ୍ରାପ୍ତ ଶ୍ରମିକ ଓ ସଂଘ କର୍ମକର୍ତ୍ତାମାନେ ।

# ରାୟଗଡ଼ା ଜିଲାରେ କମୁଛି ଭୂତଳ ଜଳସ୍ତର

ରାୟଗଡ଼ା,୧।୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାରେ କମୁଛି ଭୂତଳ ଜଳସ୍ତର। ଦିନକୁଦିନ ସଙ୍କଟର ସମ୍ମୁଖୀନ ହେବାକୁ ଯାଉଛି ରାୟଗଡ଼ା ଜିଲାର ଅନେକ ଅଞ୍ଚଳ। ମଣିଷ ସମାଜର ଆଧୁନିକତା ଓ ମାତ୍ରାଧିକ ଚାହିଦା କାରଣରୁ କ୍ଷୟ ହେଉଛି ଜଙ୍ଗଲ ଏବଂ ନଷ୍ଟ ହେଉଛି ପ୍ରତିକୂଳ ପରିବେଶ । ସଂରକ୍ଷଣ ହୋଇପାରୁନାହିଁ ବର୍ଷା ଜଳ। ପୁନଃ ତିଆରି ହୋଇପାରୁନି ଭୂତଳ ଜଳ। ଫଳରେ ରାଜ୍ୟର ବିଭିନ୍ନ ଜିଲାରେ କମିବାରେ ଲାଗିଛି ଭୂତଳ ଜଳସ୍ତର । ଗତ ୫ବର୍ଷର ରାୟଗଡ଼ା ଜିଲାର ଭୂତଳ ଜଳସ୍ତର ସ୍ଥିତି ଦେଖିଲେ ଆଗାମୀ ଭବିଷ୍ୟତରେ ଜଳାଭାବର କିଭଳି ସଙ୍କଟ ଉତ୍ପନ୍ନ ହେବ ତାହା ସହଜେ ଅନୁମେୟ। ଭୂତଳ ଜଳସ୍ତର ହ୍ରାସ ନେଇ ଚିନ୍ତାରେ ପଡ଼ିଯାଇଛନ୍ତି ପରିବେଶବିତ୍ ଓ ରାଜ୍ୟ ସରକାର।

ରାୟଗଡ଼ା ଜିଲାର ଗତ ୫ବର୍ଷର ଭୂତଳ ଜଳସ୍ତର ଜିଲାରେ ହାରାହାରି ୭.୪୫ ମିଟର ରହିଥିବା ଭୂତଳ ଜଳ ବିଭାଗ ପକ୍ଷରୁ ସୂଚନା ମିଳିଛି । ରାୟଗଡ଼ା ଜିଲାର ୧୧ଟି ବ୍ଲକରୁ ପ୍ରତ୍ୟେକ ବ୍ଲକର ୩ଟି ସ୍ଥାନରୁ ଭୂତଳ ଜଳସ୍ତର ମପାଯାଉଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ୨୦୧୮ରେ ବିଷମକଟକ ବ୍ଲକର ଭୂତଳ ଜଳସ୍ତର ହାରାହାରି ୫.୭୨ ଥିଲା, ହେଲେ ୫ ବର୍ଷ ଭିତରେ ଏହା ୪.୭୬କୁ ଖସି ଆସିଛି। ସେହିପରି ଚନ୍ଦ୍ରପୁର ବ୍ଲକରେ ୯.୨୬ରୁ ୮.୨୦କୁ ହ୍ରାସ ପାଇଥିବାବେଳେ ଗୁଡ଼ାରି ବ୍ଲକରେ ୯.୯୧ରୁ ୯.୨୮, ଗୁଣପୁର ବ୍ଲକରେ ୬.୭୩ରୁ ୫.୬୩, କଲ୍ୟାଣସିଂହପୁର ବ୍ଲକରେ୯.୧୬ରୁ ୮.୦୨କୁ ଖସି ଆସିଥିବାବେଳେ କାଶୀପୁର ବ୍ଲକରେ ୫.୩୦ ମିଟର ଭୂତଳ ଜଳସ୍ତର ରହିଛି। ସେହିଭଳି ୨୦୧୮ରେ କୋଲନରା ବ୍ଲକରେ ୯.୨ ଜଳସ୍ତର ଥିବାବେଳେ ଏବେ

## ଆଗକୁ ଉତ୍କଟ ହୋଇପାରେ ଜଳ ସଙ୍କଟ

୮.୨୭, ମୁନିଗୁଡ଼ା ବ୍ଲକରେ ୮.୨୪ରୁ ୬.୦୬, ପଦ୍ମପୁର ବ୍ଲକରେ ୫.୧୧ରୁ ହ୍ରାସ ପାଇ ୪.୪୬, ରାମନାଗୁଡ଼ା ବ୍ଲକରେ ୬.୮୯ରୁ ୫.୪୯ ଏବଂ ରାୟଗଡ଼ା ବ୍ଲକରେ ଭୂତଳ ଜଳସ୍ତର ହାରାହାରି ୧୬.୪୭ ମିଟର ରହିଥିବା ଜଣାପଡ଼ିଛି।

ରାୟଗଡ଼ା ଜିଲାରେ ଗତ ୫ବର୍ଷର ଜନସଂଖ୍ୟା ଆକଳନ କରାଗଲେ ମାତ୍ରାଧିକ ସଂଖ୍ୟାରେ କୋଠାବାଡ଼ି, ଘର, ଆପାର୍ଟମେଣ୍ଟ ଆଦି ଗଢ଼ି ଉଠିଛି। ଆବଶ୍ୟକ ପରିମାଣରେ ବର୍ଷା ନ ହେବା ଏବଂ ମଣିଷ ନିଜର ଦୈନନ୍ଦିନ ବ୍ୟବହାର ପାଇଁ ଜଳର ଆବଶ୍ୟକତା ପୂରଣ କରିବାକୁ ଲୋକେ ପ୍ରାକୃତିକ ଜଳ ଉତ୍ସ ଉପରେ ନିର୍ଭର କରିବା ପରିବର୍ତ୍ତେ ବିଭିନ୍ନ ସ୍ଥାନରେ ନଳକୂପ, ବୋର୍‌ୱେଲ ଆଦି ଖନନ କରୁଛନ୍ତି। ଫଳରେ ଭୂତଳ ଜଳସ୍ତର ଉପରେ ଅଧିକ ପ୍ରଭାବ ପଡ଼ୁଛି। କେବଳ ସେତିକି ନୁହେଁ, ନଦୀନାଳରୁ ବାଲି ଓ ପଥର ଖନନ ମଧ୍ୟ ଭୂତଳ ଜଳସ୍ତର ଉପରେ ପ୍ରଭାବ ପକାଉଥିବା ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କଠାରୁ ଜଣାପଡ଼ିଛି। ସେହିପରି ଅପବୃଷ୍ଟି ଯୋଗୁ ଚାଷ ଜମିକୁ ଆବଶ୍ୟକ ପାଣି ସୁବିଧା ନ ଥିବାରୁ ଜମିରେ ଡିପ୍ ବୋର୍‌ୱେଲମାନ ଖୋଳାଯାଉଥିବାରୁ ଭୂତଳ ଜଳସ୍ତର କମୁଥିବା ପରିବେଶବିତ୍‌ମାନେ କହିଛନ୍ତି । ଜିଲାରେ ଭୂତଳ ଜଳସ୍ତରର ସ୍ଥିତି ନେଇ ଭୂତଳ ଜଳ ଉନ୍ନୟନ ବିଭାଗ ହାଇଡ୍ରୋଲୋଜିଷ୍ଟ ସମୀର ଦ୍ୱିବେଦୀଙ୍କ କହିବା ଅନୁଯାୟୀ, ଜିଲାରେ ବର୍ତ୍ତମାନ ଜଳସ୍ତର ଠିକ୍ ଅଛି । ହେଲେ ମନଇଚ୍ଛା ବୋର୍‌ୱେଲ ଓ ଡିପ୍ ବୋରୱେଲ ଖନନ ଉପରେ ଯଦି କୌଣସି ପ୍ରତିବନ୍ଧକ ନ ଲାଗେ ତେବେ ଆଗାମୀ ୫ ବର୍ଷ ପରେ ଭୂତଳ ଜଳସ୍ତର କମିବା ଏବଂ ଜଳ ସଙ୍କଟ ଦେଖାଦେବା ନେଇ ଆଶଙ୍କା ପ୍ରକାଶ କରିଛନ୍ତି । ଏଥିସହିତ ନଦୀରୁ ବାଲି ଓ ପଥର ଖନନ ମଧ୍ୟ ଏହା ଉପରେ ପ୍ରଭାବ ପକାଇବ ବୋଲି ସେ କହିଛନ୍ତି । ଏଥିସହ ପ୍ରତ୍ୟେକ ଲୋକେ ଚାହିଁଲେ ନିଜ ଘର ଛାତରେ ବର୍ଷା ଜଳ ସଂରକ୍ଷଣ ଓ ବିଭିନ୍ନ ମାଧ୍ୟମରେ ଜଳ ସଂରକ୍ଷଣ କରିପାରିବେ । ଘରେ ଜଳର ଅପବ୍ୟବହାର କମ୍ କରିବା ଏବଂ ଭୂତଳ ଜଳ ସଂରକ୍ଷଣ କରିବା ପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କ ସହଭାଗିତା ଆବଶ୍ୟକ ରହିଥିବା ସେ କହିଛନ୍ତି। ତେବେ କୋଠାବାଡ଼ି, ଆପାର୍ଟମେଣ୍ଟ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ସ୍କୁଲ ଓ ଅନ୍ୟାନ୍ୟ ସ୍ଥାନରେ ଛାତ ଉପରେ ଜଳ ସଂରକ୍ଷଣ କରି ଏହାକୁ ଭୂଗର୍ଭକୁ ସିଧାସଳଖ ନିଷ୍କାସନ କରାଗଲେ ଭୂତଳ ଜଳ ସଂରକ୍ଷଣ ହୋଇପାରିବ ବୋଲି ହାଇଡ୍ରୋଲୋଜିଷ୍ଟ ସମୀର ଦ୍ୱିବେଦୀ କହିଛନ୍ତି ।

# ୧୫ ଅଭିଯୋଗ ଶୁଣିଲେ ଅତିରିକ୍ତ ଜିଲାପାଳ


ଅତିରିକ୍ତ ଜିଲାପାଳ ଭାସ୍କର ରଇତ ଅଭିଯୋଗ ଗ୍ରହଣ କରୁଛନ୍ତି।

ରାୟଗଡ଼ା,୧।୧
(ଆଶିଷ ରଞ୍ଜନ ପଣ୍ଡା/ଭାଗ୍ୟଶ୍ରୀ ମିଶ୍ର)

୨୦୨୪ ଜାନୁୟାରୀର ପ୍ରଥମ ଦିନ ସୋମବାର ହୋଇଥିବାରୁ ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ପ୍ରଥମ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲାପାଳ ଭାସ୍କର ରଇତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହ ଯୁଗ୍ମ ଅଭିଯୋଗ ଶୁଣାଣିରେ ୧୫ଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥିମଧ୍ୟରୁ ୫ଟି ସାମୂହିକ ଏବଂ ୧୦ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ଅତିରିକ୍ତ ଜିଲାପାଳ ରଇତ ସମସ୍ତ

## ନୂଆବର୍ଷର ପ୍ରଥମ ଯୁଗ୍ମ ଅଭିଯୋଗ ଶୁଣାଣି

ଅଭିଯୋଗକୁ ଗ୍ରହଣକରି ଏହାର ସମାଧାନ କରାଯିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ଏହି ଅଭିଯୋଗ ଶୁଣାଣିରେ ଜିଲା ପରିଷଦ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଦିଲୀପ ବେହେରା, ପୋଲିସ ଅତିରିକ୍ତ ଏସ୍‌ପି, ସିଡିଏମଓ ଲାଲମୋହନ ରାଉତରାୟଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଘରେ ଘରେ ବଣ୍ଟାଗଲା ଅକ୍ଷତ ଚାଉଳ

ଗୁଣପୁର,୧।୧(ପ୍ରଦୀପ କୁମାର ପାଢୀ)

ଗୁଣପୁର ସହରର ବିଭିନ୍ନ ୱାର୍ଡରେ ଅଯୋଧ୍ୟାରୁ ଆସିଥିବା ଅକ୍ଷତକୁ ସୋମବାର ବଣ୍ଟନ କରାଯାଇଛି। ନାମ ସଙ୍କୀର୍ତ୍ତନ ସହ ଭକ୍ତମାନେ ଶୋଭାଯାତ୍ରାରେ ଘର ଘର ବୁଲି ଅକ୍ଷତ ସହ ଶ୍ରୀରାମ ମନ୍ଦିର ଫଟୋ ଏବଂ ନିମନ୍ତ୍ରଣପତ୍ର ଦେଇଥିଲେ। ସାହିମାନଙ୍କରେ ଉତ୍ସାହ ସହକାରେ ମହିଳା ଏବଂ ପୁରୁଷମାନେ ଅକ୍ଷତ କଳସକୁ ଭବ୍ୟ ସ୍ୱାଗତ କରିଥିଲେ। ସଙ୍କୀର୍ତ୍ତନ ମଣ୍ଡଳୀ ଉପରେ ମହିଳାମାନେ ଫୁଲ ପକାଇବା ସହ ସବୁ ଘର ସମ୍ମୁଖରେ କଳସ ରଖି ଦୀପ ପ୍ରଜ୍ୱଳନ କରି ଅକ୍ଷତକୁ ସ୍ୱାଗତ କରାଯାଇଥିଲା। ବିନାୟକ ନଗର, ହାଉସିଂ ବୋର୍ଡ କଲୋନି, ଗୋପାଳନଗର, ସାଇ ନଗର, ଶେଖରନଗର, ରାମେଶ୍ୱରନଗର, ନୀଳଚକ୍ର ନଗର, କେନ୍ଦୁସାହିରେ ବହୁ ଆଡମ୍ବର ସହ କାର୍ଯ୍ୟକ୍ରମ ପାଳନ କରାଯାଇଥିଲା। ଜାଗୃତି ସାଂସ୍କୃତିକ ସଂଗଠନର ସଭାପତି ମନୋରଞ୍ଜନ ରଥଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିଭଳି ଦେଓ ନଗର,ରଘୁନାଥ ନଗର,ଶାନ୍ତି ନଗର, ଜୁଡିସିଆଲ କଲୋନି, ପାର୍ବତି ନଗରରେ ମଧ୍ୟ ଅକ୍ଷତ ଚାଉଳ ବଣ୍ଟନ କରାଯାଇଥିଲା।


ଅକ୍ଷତକୁ ଶୋଭାଯାତ୍ରାରେ ନିଆଯାଉଛି।

# ମଜୁରି ବୃଦ୍ଧି ଦାବିରେ ସଫେଇ କର୍ମଚାରୀଙ୍କ ଆନ୍ଦୋଳନ


ଆନ୍ଦୋଳନରେ ସାମିଲ ହୋଇଥିବା ସଫେଇ କର୍ମଚାରୀମାନେ।

ରାୟଗଡ଼ା,୧।୧(ଆଶିଷ ରଞ୍ଜନ ପଣ୍ଡା)

ବର୍ଷର ପ୍ରଥମ ଦିନରୁ ନୂତନ ଠିକାଦାର ମାଧ୍ୟମରେ ସହରର ସଫେଇ କାର୍ଯ୍ୟ ଆରମ୍ଭ ହୋଇଥାନ୍ତା । ହେଲେ ପ୍ରଥମ ଦିନରେ ସଫେଇ କର୍ମଚାରୀ ଦରମା ବୃଦ୍ଧି ସହ ସମସ୍ତ ସରକାରୀ ସୁବିଧା ପ୍ରଦାନ ଦାବିରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାମ ବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି । ଫଳରେ ସହରରେ କୁଢ଼ କୁଢ଼ ଆବର୍ଜନା ପଡ଼ି ରହିଛି। କର୍ମଚାରୀମାନେ ସହର ସଫେଇ ପରିବର୍ତ୍ତେ ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ବସି ରହିଥିଲେ । ପୌର ପରିଷଦ ସେମାନଙ୍କ ଦାବି ପ୍ରତି ଧ୍ୟାନ ଦେଉ ନ ଥିବାରୁ ଏହି ଆନ୍ଦୋଳନ ଜୋର ଧରିବ ବୋଲି ସଫେଇ କର୍ମଚାରୀ ସଂଘ କହିଛି।

ପ୍ରକାଶ ଯେ, ରାୟଗଡ଼ା ସହରର ୨୪ଟିୱାର୍ଡ ୬ଟି ଜୋନ୍‌ରେ ବିଭକ୍ତ କରାଯାଇ

## ବର୍ଷର ପ୍ରଥମ ଦିନରେ ସଫା ହୋଇପାରିଲାନି ସହର

ସଫେଇ କାର୍ଯ୍ୟର ଘରୋଇକରଣ ହୋଇଛି। ଏହି ୬ଟି ଜୋନ୍‌ରେ ୨୪୦ ଜଣ କର୍ମଚାରୀ କାମରେ ନିୟୋଜିତ ହୋଇଥାନ୍ତି। ଏହାବ୍ୟତୀତ ୧୮ ଜଣ ଡ୍ରାଇଭର ମଧ୍ୟ ରହିଛନ୍ତି। ତେବେ ସଫେଇ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କୁ ଦୈନିକ ୩୫୨ ଟଙ୍କା ହିସାବରେ ମଜୁରି ପ୍ରଦାନ କରାଯାଉଛି। କିନ୍ତୁ ସେମାନଙ୍କ ସ୍ୱାସ୍ଥ୍ୟସେବା ଓ ସୁରକ୍ଷା ପ୍ରତି ଘରୋଇକରଣ ସଂସ୍ଥା ଓ ଠିକାଦାର ଧ୍ୟାନ ଦିଆଯାଉ ନାହିଁ। ଏପରିକି ସ୍ୱାସ୍ଥ୍ୟ ଓ ସୁରକ୍ଷା କିଟ୍ ପାଇଁ ଟଙ୍କା ମାଗିଲେ ଦିଆଯାଉ ନାହିଁ। ଫଳରେ ମାସିକ ମାତ୍ର ୧୦ ହଜାର ଟଙ୍କାରେ ସଫେଇ କରି ନିଜର ସ୍ୱାସ୍ଥ୍ୟ ରକ୍ଷା ଓ ଶରୀର ପାଇଁ ସୁରକ୍ଷା କିଟ୍ କିଣିବା ଅସମ୍ଭବ ବୋଲି କର୍ମଚାରୀ କହିଛନ୍ତି। ଭୋରରୁ ରାତି ପର୍ଯ୍ୟନ୍ତ ସହରର ସଫେଇ ସହ ଡ୍ରେନ୍‌ଗୁଡ଼ିକ ମଧ୍ୟ ସଫେଇ ହେଉଛି। ବଡ ବଡ ଅଫିସରଙ୍କ ଘରେ ମଧ୍ୟ ଶୌଚାଳୟ ସଫେଇ କାର୍ଯ୍ୟ ସେମାନେ କରୁଛନ୍ତି। ତଥାପି ପୌର ପରିଷଦ ଯେଉଁ ମାପଦଣ୍ଡ ରଖିଛି ତାହା ପାଳନ ହେଉନାହିଁ। ବାରମ୍ବାର ନିବେଦନ ପରେ ମଧ୍ୟ ଠିକା ସଂସ୍ଥା ପଦକ୍ଷେପ ଗ୍ରହଣ ନ କରିବାରୁ ଆନ୍ଦୋଳନ କରିବାକୁ ବାଧ୍ୟ ହୋଇଥିବା ସଂଘ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଡିସେମ୍ବର ୩୦ରେ ଚଇତି ଉଦ୍‌ଯାପନ ଦିବସ ଓ ୩୧ରେ ଜିରୋ ନାଇଟ ପାଳନ ହୋଇଥିବାରୁ ରାସ୍ତାଘାଟ ଚାରିଆଡେ କୁଢ଼ କୁଢ଼ ଆବର୍ଜନା ପଡ଼ିରହିଛି। ଫଳରେ ରୋଗ ବ୍ୟାପିବା ଆଶଙ୍କା ରହିଛି। ତେଣୁ ତୁରନ୍ତ ଏହି ସମସ୍ୟାର ସମାଧାନ କରି ସହରକୁ ସଫା ରଖିବା ପାଇଁ ସାଧାରଣରେ ଦାବି ହୋଇଛି।

# ଗଡ଼ିଲା ସଡ଼କ ସୁରକ୍ଷା ସଚେତନତା ରଥ

ରାୟଗଡ଼ା,୧।୧
(ଆଶିଷ ରଞ୍ଜନ ପଣ୍ଡା/ଭାଗ୍ୟଶ୍ରୀ ମିଶ୍ର)

ବର୍ଷର ପ୍ରଥମ ଦିନରେ ଆରମ୍ଭ ହୋଇଛି ସଡ଼କ ସୁରକ୍ଷା ସପ୍ତାହ । ପରିବହନ ବିଭାଗ ଓ ପୋଲିସ ବିଭାଗର ମିଳିତ ଆନୁକୂଲ୍ୟରେ ସୋମବାରଠାରୁ ସପ୍ତାହବ୍ୟାପୀ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅବସରେ ଜିଲା ପରିଷଦ କାର୍ଯ୍ୟାଳୟ ପରିସରରୁ ସଡ଼କ ସୁରକ୍ଷା ଉପରେ ବିଶେଷ ଧ୍ୟାନ ପୂର୍ବକ ଏକ ସଚେତନତା ରଥର ଶୁଭାରମ୍ଭ ହୋଇଛି। ସପ୍ତାହେବ୍ୟାପୀ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସଡ଼କ ସୁରକ୍ଷା ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ସୂଚନା ମିଳିଛି । ଚଳିତ ଥର ସଚେତନତା ରଥରେ ଏଲ୍‌ଇଡି ପ୍ୟାନେଲ ଲଗାଯାଇ ଭିଡିଓ ମାଧ୍ୟମରେ ଜନସଚେତନତା କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ଏହି ସଚେତନତା ରଥକୁ ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଏସ୍‌ପି ବିବେକାନନ୍ଦ ଶର୍ମା, ଜିଲା ପରିଷଦ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର, ଆଞ୍ଚଳିକ ପରିବହନ ଅଧିକାରୀ ଶିବଶଙ୍କର ଚୌଧୁରୀ, ଏମ୍‌ଭିଆଇ ରାଜକୁମାର ବେହେରାଙ୍କ ସମେତ ପୋଲିସ ବିଭାଗର ଅତିରିକ୍ତ ଏସ୍‌ପି, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ପ୍ରମୁଖ ଉପସ୍ଥିତ ରହି ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ସଚେତନତା ରଥ ଜିଲାର ବିଭିନ୍ନ ଗ୍ରାମାଞ୍ଚଳରେ ସଡ଼କ ସୁରକ୍ଷା ଉପରେ ସଚେତନତା କରିବ । ଏଥିସହ ପରିବହନ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନ ଓ ମୁଖ୍ୟ ଛକଗୁଡ଼ିକରେ ବ୍ୟାନର ଓ ଫ୍ଲେକ୍ସ ଲଗାଯିବ ବୋଲି ସୂଚନା ମିଳିଛି । ସଡ଼କ ସୁରକ୍ଷା ସପ୍ତାହର ପ୍ରଥମ ଦିନରେ ପୋଲିସ ଓ ପରିବହନ ବିଭାଗ ପକ୍ଷରୁ ମିଳିତ ଭାବେ ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଇ ଲୋକଙ୍କୁ ହେଲ୍‌ମେଟ୍ ପିନ୍ଧିବା, ସିଟ୍ ବେଲ୍ଟ ବ୍ୟବହାର କରିବା, ଟ୍ରିପଲ ରାଇଡିଂ ଆଦି ନ କରିବା ଉପରେ ସଚେତନତା କରାଯାଇଥିଲା ।


ସବୁଜ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରାଯାଉଛି।

# ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ

ମାଲକାନଗିରି,୧।୧(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦରରେ ଥିବା ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଆଲୋକ କୁମାର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ଉପଜିଲାପାଳ ଡ. ଅକ୍ଷୟ କୁମାର ଖେମୁଣ୍ଡୁ, ସମ୍ମାନିତ ଅତିଥି ଭାବେ ନୂଆ-ଓ କାର୍ଯ୍ୟକ୍ରମର ଜିଲା ନୋଡାଲ ଅଧିକାରୀ ଡ. ରଞ୍ଜନ କୁମାର ସ୍ୱାଇଁ, ବିକ୍ରମଦେବ ବିଶ୍ୱବିଦ୍ୟାଳୟର ପ୍ରଫେସର ଡି.ପି. ମିଶ୍ର ଓ ରାୟଗଡ଼ା ମହାବିଦ୍ୟାଳୟର ଏନ୍‌ସିସି ଅଧିକାରୀ ଉଦୟ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଗତ ଦିନରେ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ହୋଇଥିବା କ୍ରୀଡା, ସାଂସ୍କୃତିକ ଓ ସମାଜସେବା କାର୍ଯ୍ୟକ୍ରମର ବିଜେତାମାନଙ୍କୁ ଅତିଥିମାନେ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରଥିଲେ। ଏହି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ରଙ୍କ ଭିତରେ ରହିଥିବା ଲୁକାୟିତ ପ୍ରତିଭା ପ୍ରଦର୍ଶିତ ହୋଇପାରବ। ସରକାରଙ୍କ ଏପରି କାର୍ଯ୍ୟକ୍ରମ ଯୁବ ପିଢିଙ୍କୁ ଆଗକୁ ବଢିବାରେ ସହାୟକ ହେବ ବୋଲି ଅତିଥି ଏବଂ ମହାବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ କେ.ଗୋପାଳ ରାଓ ଏବଂ ଦୁର୍ଗାପ୍ରସାଦ ପଟ୍ଟନାୟକ ପ୍ରମୁଖ କହିଥିଲେ। ଏଥିରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।


ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

# ୧୯ ଜିଲାରୁ ଯୋଗଦେଲେ ୩୬୦ ପ୍ରତିଯୋଗୀ

## ରାଜ୍ୟସ୍ତରୀୟ ବନବାସୀ ଖେଳକୁଦ-୨୦୨୩

ଜେକେପୁର,୧।୧(ନିଧି ଗଣ୍ଡେତା)

ରାୟଗଡ଼ା ଜିଲାର ଜେକେପୁର ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରଠାରେ ଡିସେମ୍ବର ୩୦ରୁ ୨ ଦିନ ଧରି ରାଜ୍ୟସ୍ତରୀୟ ବନବାସୀ ଖେଳକୁଦ-୨୦୨୩ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜନଜାତି ସମାଜରେ ଥିବା ଲୁକ୍କାୟିତ ପ୍ରତିଭାକୁ ଚିହ୍ନଟକରି ଲୋକଲୋଚନକୁ ଆଣିବା ପାଇଁ ଜେକେପୁରସ୍ଥିତ ବନବାସୀ କଲ୍ୟାଣ ଆଶ୍ରମ ତରଫରୁ ଏହି କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଜଳଶକ୍ତି ଏବଂ ଟ୍ରାଇବାଲ ଆଫେୟାର୍ସ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ସମ୍ମାନିତ ଅତିଥି ରୂପେ କୋରାପୁଟ ଗ୍ରାମ୍ୟ ନିର୍ମାଣ ଅଧୀକ୍ଷଣ ଯନ୍ତ୍ରୀ ଡ. ପ୍ରଭାକର ବେହେରା ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଡ. ପୁରୁଷୋତ୍ତମ ଅଗ୍ରୱାଲ, ବନବାସୀ କଲ୍ୟାଣ ଆଶ୍ରମ ରାଜ୍ୟ କାର୍ଯ୍ୟକାରୀ ସଭାପତି, ବିଶିଷ୍ଟ ବ୍ୟବସାୟୀ ତଥା ସାମାଜିକ କର୍ମୀ ରମେଶ ଗୁଲାନି ଏବଂ ଇନ୍ଦୁ ଭାଇଜି ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ୧୯ଟି ଜିଲାରୁ ପ୍ରାୟ ୩୬୦ ପ୍ରତିଯୋଗୀ ଭାଗ ନେଇଥିଲେ। ଏଠାରେ ଦୌଡ଼ ସବ୍ ଜୁନିୟର ବାଳକ ଓ ବାଳିକା ୧୦୦ମି., ୨୦୦ମି., ୪୦୦ମି., ୧୫୦୦ ମି., ଦୌଡ ଜୁନିୟର ବାଳକ ଓ ବାଳିକା ୧୦୦ମି., ୨୦୦ମି., ୪୦୦ମି., ୧୫୦୦ ମି., ତୀରନ୍ଦାଜ ସବ୍ ଜୁନିୟର ବାଳକ ଓ ବାଳିକା ଏବଂ ଜୁନିୟର ବାଳକ ଓ ବାଳିକା, ୭ କି.ମି ମିନି ମାରାଥନ୍ ସବ୍ ଜୁନିୟର ବାଳକ, ୧୪ କି.ମି ମିନି ମାରାଥନ୍ ଜୁନିଅର ବାଳକରେ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ଗୋଲାଫିଙ୍ଗା ସବ୍ ଜୁନିୟର ବାଳକ ଓ ବାଳିକା ଏବଂ ଜୁନିୟର ବାଳକ ଓ ବାଳିକା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବନବାସୀ ସଂଗଠନର ମନ୍ତ୍ରୀ କୃଷ୍ଣଚନ୍ଦ୍ର ଭାଟି, ଡ. ପ୍ରକାଶ ରାଉତ, ଅଭିମନ୍ୟୁ ମହାନ୍ତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।


ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଯୋଗଦେଇଥିବା କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଓ ଅନ୍ୟମାନେ।

# ସଡ଼କ ସୁରକ୍ଷା ସପ୍ତାହ ସଚେତନତା କାର୍ଯ୍ୟକ୍ରମ ଉଦ୍‌ଘାଟିତ

ମାଲକାନଗିରି,୧।୧(ନୃସିଂହ ଚରଣ ମହାନ୍ତି)

ଜିଲା ପ୍ରଶାସନ ତରଫରୁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶକ୍ରମେ ସଡ଼କ ସୁରକ୍ଷା ସପ୍ତାହ ସୋମବାର ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ମୁଖ୍ୟ ଅତିଥି ବେଦବର ପ୍ରଧାନ (ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ) ସବୁଜ ପତାକା ଦେଖାଇ ଉଦ୍‌ଘାଟିତ କରିଥିଲେ। ମୁଖ୍ୟବକ୍ତା ଜିଲା ଯୁବ ରେଡ୍‌କ୍ରସ୍ ଆବାହକ ତଥା ସମ୍ପାଦକ ଡ. ରଞ୍ଜନ କୁମାର ସ୍ୱାଇଁ ଯୋଗଦାନ କରି ସଡ଼କ ସୁରକ୍ଷା ବିଷୟରେ ସମ୍ପୂର୍ଣ୍ଣ ବିବରଣୀ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଯାନବାହନ ନିରୀକ୍ଷକ ଜୋହନ ପ୍ରତାପ କୁଲୁ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟତମ ଅତିଥି ଦୀପକ କୁମାର ସାହୁ, ସନ୍ତୋଷ କୁମାର ବେହେରା ଓ ସଞ୍ଜୟ କୁମାର ପାଣିଗ୍ରାହୀ ଦୁର୍ଘଟଣାକୁ କେମିତି ଏଡ଼ାଇ ପାରିବା ସେ ବିଷୟରେ ବୁଝେଇଥିଲେ। କାର୍ଯ୍ୟକ୍ରମରେ ମାଲକାନଗିରି ମହାବିଦ୍ୟାଳୟ ଏନ୍‌ସିସି ଯୁବ ରେଡ୍‌କ୍ରସ୍, ଜେଏନ୍‌ଭି ଏନ୍‌ସିସି ଏବଂ କେନ୍ଦ୍ରୀୟ ବିଦ୍ୟାଳୟ ଏନ୍‌ସିସି ସକ୍ରିୟ ଅଂଶ ଗ୍ରହଣକରି ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇ ୱାକାଥନ କାର୍ଯ୍ୟକ୍ରମ କରିଥିଲେ। ଏଥିରେ ପ୍ରାୟ ୧୫୦ ରୁ ଉର୍ଦ୍ଧ୍ୱ ଛାତ୍ର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ବରିଷ୍ଠ କିରାଣି ପ୍ରସନ୍ନ କୁମାର ଦାସ ଓ ଦେବାଶିଷ ପରିଡ଼ାଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ ।


ରାଲିରେ ପିଲାମାନେ ଯାଉଛନ୍ତି।

# ବିଏସ୍‌ଏଫ୍ ପକ୍ଷରୁ ଆଦିବାସୀ ଯୁବପିଢ଼ିଙ୍କ ସୁରଟ ଗସ୍ତ

ମାଲକାନଗିରି,୧।୧(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ବିଏସ୍‌ଏଫ୍ ତରଫରୁ ଆଦିବାସୀ ଯୁବତୀଯୁବକମାନେ ଗୁଜରାଟର ସୁରଟ ଗସ୍ତ କରିଛନ୍ତି। ବିଏସ୍‌ଏଫ୍ ଡିଆଇଜି ଶୈଳେନ୍ଦ୍ର କୁମାର ସିହ୍ନା ସୋମବାର ମାଲକାନଗିରି ଜିଲାର ମାଥିଲି ବ୍ଲକ ଅନ୍ତର୍ଗତ ସିନ୍ଧିଗୁଡ଼ା, ମୁଣ୍ଡାଗୁଡ଼ା, ଗଲିଆଗୁଡ଼ା, ଦାନିଗୁଡ଼ା, ଅଁଳାଜୋଡି, ଗଡ଼ିଆଲି, ଦାଇଗୁଡ଼ା, କତାପାଲ୍ଲୀ, ଖଡିମାଟି, ରାଙ୍ଗିଣିଗୁଡା, କପରା, କର୍ତ୍ତନପାଲ୍ଲୀ, ସାଲିମି ଆଦି ଗ୍ରାମରେ ବସବାସ କରୁଥିବା ୧୧ ଯୁବତୀ ଓ ୧୯ ଯୁବକ ମୋଟ ୩୦ ଜଣଙ୍କୁ ସୁରଟ ପଠାଇଛନ୍ତି। ଏହି ଯୁବପିଢ଼ି ଆସନ୍ତା ୪ ରୁ ୧୦ ତାରିଖ ପର୍ଯ୍ୟନ୍ତ ସୁରଟର ବିଭିନ୍ନ ପର୍ଯ୍ୟଟନ ସ୍ଥଳ ଭ୍ରମଣ କରିବା ସହ ସେଠାକାର ରାଜନୈତିକ ନେତା, ବିଭିନ୍ନ ମନ୍ତ୍ରୀ, ସିନେ ତାରକା, ଟିଭିତାରକା, ପୌରାଣିକ ସ୍ଥଳ ଇତ୍ୟାଦି ଭ୍ରମଣ କରିବେ। ଏହି କାର୍ଯ୍ୟକ୍ରମରେ ବିଏସ୍‌ଏଫ୍ ଦ୍ୱିତୀୟ ବାଟାଲିୟନ କମାଣ୍ଡାଣ୍ଟ ବରୁଣେନ୍ଦ୍ର ପ୍ରତାପ ସିଂ, ଡେପୁଟି କମାଣ୍ଡାଣ୍ଟ ରାଜେଶ କୁମାର, ଶୁଭଞ୍ଜନ ମହାପାତ୍ର, ନେହେରୁ ଯୁବ ସଂଘର ଜିଲା ଅଧିକାରୀ ହରିଶ ରୂପାଲ ପ୍ରମୁଖ ଉପସ୍ଥିତ ଥିଲେ। ଏହାଦ୍ୱାରା ଗ୍ରାମାଞ୍ଚଳରେ ରହୁଥିବା ଯୁବପିଢି ଜ୍ଞାନ ଶକ୍ତି ବଢ଼ିବା ସହ ଦେଶର ବହୁ ପୌରାଣିକ ଓ ପର୍ଯ୍ୟଟନସ୍ଥଳୀ ଭ୍ରମଣକରି ଦେଖିପାରିବେ। ଏହାଦ୍ୱାରା ଦେଶରେ କେତେ ପ୍ରକାର ସାଂସ୍କୃତିକ ଦୃଶ୍ୟ ଅଛି ସେ ବିଷୟରେ ଜ୍ଞାନ ଆରୋହଣ କରିପାରିବେ ବୋଲି ଉପସ୍ଥିତ ଅଧିକାରୀମାନେ କହିଥିଲେ। ଆଗାମୀ ଦିନରେ ଆହୁରି ବହୁ ଯୁବପିଢ଼ିଙ୍କୁ ଦେଶର ବିଭିନ୍ନ ସ୍ଥାନକୁ ଭ୍ରମଣ ନିମନ୍ତେ ପଠାଇବା କାର୍ଯ୍ୟକ୍ରମ ରହିଛି ବୋଲି କହିଥିଲେ।


କାର୍ଯ୍ୟକ୍ରମକୁ ବିଏସ୍‌ଏଫ୍ ଅଧିକାରୀ ଓ ଅନ୍ୟମାନେ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

# ସୁପ୍ତ ଅବସ୍ଥାରେ ଇକୋ ଟୁରିଜମ୍

**ନବରଙ୍ଗପୁର,୧।୧(ସଦାଶିବ ପ୍ରହରାଜ)**

ଏବେ ଚାଲିଛି ପର୍ଯ୍ୟଟନ ଋତୁ । ଜିଲାର ଇକୋ ଟୁରିଜମ୍ ହିଲି ଡଙ୍ଗର ପାର୍କର ପୁନରୁଦ୍ଧାର ହେଉନାହିଁ। ୪ବର୍ଷ ତଳେ ବ୍ୟାପକ ଅର୍ଥ ବ୍ୟୟରେ ନିର୍ମାଣ ହୋଇଥିବା ଜିଲାର ଏକମାତ୍ର ଇକୋ ଟୁରିଜମ୍ ପାର୍କ ହିଲି ଡଙ୍ଗରୀ ବର୍ତ୍ତମାନ ସୁପ୍ତ ଅବସ୍ଥାରେ। ଫଳରେ ପର୍ଯ୍ୟଟକ ଏହି ଇକୋ ଟୁରିଜିମ୍ ପାର୍କରୁ ମୁହଁ ଫେରାଉଥିବାରୁ ପ୍ରଶାସନ ରାଜସ୍ୱ ହରାଉଛି।

ନବରଙ୍ଗପୁର ସହରର ହିଲି ଡଙ୍ଗରୀ ପାହାଡ଼ରେ ପାର୍କ ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ କାମ ଆରମ୍ଭ ହୋଇଥିଲା। ପର୍ଯ୍ୟଟକମାନେ ଯେଉଁଳି ପାହାଡ଼ ସହିତ ଏହାର ଚାରିପଟେ ଥିବା ସହର, ଗାଁ, ଜଙ୍ଗଲ, ଜଳଭଣ୍ଡାର ସୌନ୍ଦର୍ଯ୍ୟ ଉପଭୋଗ କରିବେ ସେଥିନିମନ୍ତେ ଯୋଜନା କରାଯାଇଥିଲା। ପାର୍କର ନବୀକରଣ ପାଇଁ ପୂର୍ତ୍ତ, ବନ, ଆଇଟିଡିଏ, ଜଳବିଭାଜିକା ଭଳି ବିଭିନ୍ନ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା। ଉକ୍ତ ଟଙ୍କାରେ ପକ୍କା ରାସ୍ତା, ପର୍ଯ୍ୟଟକଙ୍କ ପାଇଁ ମିନି ଟାୱାର, ଟେଲିସ୍କୋପ୍, ମିନି ଜିମ୍, ମିନି ପାର୍କ, ପାହାଡ଼ ତଳକୁ ଆସିବା ପାଇଁ ପକ୍କାରାସ୍ତା ଓ ଶିଡ଼ି ଭଳି ବିଭିନ୍ନ ବ୍ୟବସ୍ଥା କରାଯାଇଥିଲା। ୨୦୧୯ରେ ଏହି ପାର୍କକୁ ଇକୋ ଟୁରିଜମ୍ ମାନ୍ୟତା ମିଳିଥିଲା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୯ ଫେବୃୟାରୀରେ ଆଭାସି ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରିଥିଲେ। ସେହି ସମୟରେ



ସୌନ୍ଦର୍ଯ୍ୟକରଣ ବୃଦ୍ଧି ପାଇଁ ପାହାଡ଼ରେ ବିଭିନ୍ନ ପ୍ରଜାତିର ଫୁଲ ସହ ଅନେକ ପ୍ରକାର ଗଛ ଲଗାଯାଇଥିଲା। ପାହାଡ଼ର ପଛପଟେ ନିମ୍ନ ଭାଗକୁ ପାହାଚ ଓ ରାସ୍ତା କରାଯାଇ ତଳେ ମିନି ପାର୍କର ବ୍ୟବସ୍ଥା ହୋଇଥିଲା। ୨୦୧୯-୨୦ରେ ପର୍ଯ୍ୟଟକ ଏହି ଇକୋ ଟୁରିଜିମ୍ ପାର୍କର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ବେଶ୍ ଉପଭୋଗ କରିଥିଲେ। କିନ୍ତୁ ପାର୍କ ନିର୍ମାଣ ବର୍ଷକ ପରେ ପାହାଡ଼ ଉପରେ ପଡ଼ିଥିବା ସିମେଣ୍ଟ ପ୍ଲେଟ୍‌ଗୁଡ଼ିକ ନିମ୍ନମାନର କାମ ଯୋଗୁ ଭାଙ୍ଗିଯାଇଥିଲା। ପରେ ଭଙ୍ଗା ପ୍ଲେଟ୍‌ରେ ସିମେଣ୍ଟ ପରସ୍ତ ଦିଆଯାଇଛି। ରକ୍ଷଣାବେକ୍ଷଣ ଅଭାବରୁ ପାର୍କରେ ଥିବା ଫୁଲ ଓ ଅନ୍ୟ ଗଛଗୁଡିକ ମଧ୍ୟରୁ କିଛି ଶୁଖିଗଲାଣି। ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ସ୍ଥାପିତ ଟେଲିସ୍କୋପ କିଛି ମାସ ପରେ ବ୍ୟବହାର ନ ହେବାରୁ ବାହାର କରିଦିଆଯାଇଥିଲା। ବର୍ତ୍ତମାନ ଉକ୍ତ ଟେଲିସ୍କୋପ କେଉଁଠି ଅଛି କାହାକୁ ଜଣାନାହିଁ । ସେହିଭଳି ପାହାଡ଼ ଉପରକୁ ଯିବାକୁ ତିଆରି ହୋଇଥିବା ରାସ୍ତାରୁ ପିଚୁ ଉଠିଗଲାଣି। ଲୋକଙ୍କ ଗତିବିଧିକୁ ନିୟନ୍ତ୍ରଣ ପାଇଁ ପାହାଡ଼ ଉପରେ ପୋଲିସ ଫାଣ୍ଡି ରହିଥିଲେ ମଧ୍ୟ ସେଥିରେ ସବୁବେଳେ ତାଲା ଝୁଲୁଛି। ତେଣୁ ଏହି ହିଲି ଡଙ୍ଗରଟି ଏବେ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ସେଠାରେ ଥିବା କ୍ୟାଣ୍ଟିନ୍‌ରେ ମଧ୍ୟ ତାଲା ଝୁଲୁଥିବା ସ୍ଥାନୀୟ ବାସିନ୍ଦା ଦେବଦାସ ମହାକୁଡ ଓ ଟିଙ୍କୁ ଜୈନ କହିଛନ୍ତି।

ପୂର୍ବରୁ ଦୈନିକ ୨୦୦ରୁ୨୫୦ ଜଣ ପର୍ଯ୍ୟଟକ ଏଠାକୁ ଆସୁଥିଲେ। ଛୁଟି ଦିନରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢୁଥିଲା। ପୂର୍ବେ ଟିକେଟ କାଉଣ୍ଟରରୁ ମାସିକ ଦେଢ଼ ଲକ୍ଷରୁ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆଦାୟକରି ସରକାର ରାଜସ୍ୱ ପାଉଥିଲେ । ତେବେ ଏ ଅବ୍ୟବସ୍ଥା ଯୋଗୁ କିଛି ମାସ ହେଲା ଦୈନିକ ୨୦ରୁ ୩୦ଜଣ ପର୍ଯ୍ୟଟକ ହିଁ ଆସୁଛନ୍ତି। ଏହି ପାହାଡ଼ର ଚତୁଃପାର୍ଶ୍ୱରେ ପାଚେରି ନ ଥିବାରୁ ଲାଇଟ୍ ଲଗାଇବା ପାଇଁ ଥିବା ଲୁହା ପାଇପ ସହ ବହୁ ସାମଗ୍ରୀ ଚୋରି ହୋଇଗଲାଣି। ଆଲୋକୀକରଣ ବ୍ୟବସ୍ଥା ନ ଥିବାରୁ ସନ୍ଧ୍ୟା ୮ ପରିବର୍ତ୍ତେ ୬ଟାରେ ପାର୍କକୁ ବନ୍ଦ କରିଦିଆଯାଉଛି। ସଫେଇ କର୍ମଚାରୀ ନ ଥିବାରୁ ପାହାଡ଼ ଉପରେ ଅଳିଆ ସଫା ହେଉନି କି ମାଳି ନଥିବାରୁ ଫୁଲଗଛରେ ପାଣି ପଡୁନାହିଁ । ଉଦ୍ୟାନ ବିଭାଗ ପକ୍ଷରୁ ପାହାଡ଼ରେ ପ୍ରାୟ ୫ଶହ କଫି ଗଛ ଲଗାଯାଇଥିଲେ ମଧ୍ୟ ଗଛରେ ପାଣି ଦିଆଯାଉ ନ ଥିବା ଅଭିଯୋଗ ହେଉଛି । ୪ ସିସି କ୍ୟାମେରାରୁ ୩ ଟି ଅଚଳ ହୋଇପଡ଼ିଛି। କେବଳ ତଳେ ଟିକେଟ କାଉଣ୍ଟରରେ ୨ କର୍ମଚାରୀ ରହିଛନ୍ତି। ପଡ଼ୋଶୀ କୋରାପୁଟ ଜିଲାରେ ବିଭିନ୍ନ ପର୍ଯ୍ୟଟନସ୍ଥଳୀର ବିକାଶ ହେଉଥିବାବେଳେ ନବରଙ୍ଗପୁର ଜିଲାର ଏକ ମାତ୍ର ଇକୋ ଟୁରିଜମ୍‌କୁ ପ୍ରଶାସନ ଅଣଦେଖା କରୁଥିବା ଅଭିଯୋଗ ଆସୁଛି।

ହିଲି ଡଙ୍ଗରି ଅବ୍ୟବସ୍ଥା ସମ୍ପର୍କରେ ଭାରପ୍ରାପ୍ତ ଜିଲା ପର୍ଯ୍ୟଟନ ଅଧିକାରୀ ଘାସିଆ ହରିଜନ ସ୍ୱୀକାର କରିଛନ୍ତି। ଏ ସମ୍ପର୍କରେ ପର୍ଯ୍ୟଟନ ବିଭାଗକୁ ଚିଠି କରାଯାଇଛି। ଯେତେ ଶୀଘ୍ର ବିଭାଗ ଅର୍ଥ ପ୍ରଦାନ କରିବ ସେତେ ଶୀଘ୍ର ଏହି ପାର୍କର ପୁନରୁଦ୍ଧାର ଓ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରାଯିବା ବନ୍ଦୋବସ୍ତ ହେବ ବୋଲି ସେ କହିଛନ୍ତି।

**ହିଲ୍ ପାର୍କ ପୁନରୁଦ୍ଧାର, ନବୀକରଣ ହେଉନି**
- ହ୍ରାସ ପାଉଛି ପର୍ଯ୍ୟଟକଙ୍କ ସଂଖ୍ୟା
- ରାଜସ୍ୱ ହରାଉଛି ପ୍ରଶାସନ

## ସଂକ୍ଷେପରେ

### କଳ୍ପତରୁ ଉତ୍ସବ ପାଳିତ



**ଡାବୁଗାଁ,୧।୧(ପ୍ରଜ୍ଞାରଞ୍ଜନ ପରିଡ଼ା)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ନିକଟ ଗରୁଡ଼ଗୁଡ଼ା ଗ୍ରାମ ରାମକୃଷ୍ଣ ମିଶନରେ ଡାବୁଗାଁ ରାମକୃଷ୍ଣ ଶାରଦା ସେବାସଂଘର କଳ୍ପତରୁ ଉତ୍ସବ ପାଳିତ ହୋଇଛି। ନବରଙ୍ଗପୁର ପୂର୍ବତନ ଭଗବାନ ମାଝି ଏହାର ସଭାପତିତ୍ୱ କରିଥିଲେ। ରାମକୃଷ୍ଣ ଶାରଦା ସେବା ସଂଘ ସଭାପତି ସୁରେଶ ଚନ୍ଦ୍ର ସାମଲ ସ୍ୱାଗତ ଭାଷଣ ଦେବା ସହ କଳ୍ପତରୁର ତାତ୍ପର୍ଯ୍ୟ ସମ୍ପର୍କରେ ବୁଝାଇଥିଲେ। ଡାବୁଗାଁ ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ ରମେଶ ଚନ୍ଦ୍ର ନାହାକ ଅତିଥିଭାବେ ଯୋଗଦେଇଥିଲେ। ନବରଙ୍ଗପୁର ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ରାଧାନାଥ ବେହେରା, ଅବସରପ୍ରାପ୍ତ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ସୁରେନ୍ଦ୍ର ନାଥ ଦାଶ, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଏମ୍.ଆପ୍ପା ରାଓ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ମହାନ୍ତି, ଡାବୁଗାଁ ବ୍ଲକ କଂଗ୍ରେସ ସଭାପତି ଜି. ସାଇରାଜୁ ପ୍ରମୁଖ ଯୋଗଦେଇଥିଲେ। ଗଦାଧର ତ୍ରିପାଠୀ ଓ ସୀମାଞ୍ଚଳ ଜେନା ଭଜନ ପରିବେଷଣ କରିଥିଲେ। ଏହି ଅବସରରେ ଡାବୁଗାଁ ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ ରମେଶ ଚନ୍ଦ୍ର ନାହାକଙ୍କ ସ୍ୱରଚିତ ଶତାବ୍ଦୀର ଆର୍ତ୍ତନାଦ ଓ ଶ୍ରୀକ୍ଷେତ୍ର ଭଜନମାଳା ସହ ୩ ହଜାର ବର୍ଷର କ୍ୟାଲେଣ୍ଡର ଅତିଥିଙ୍କୁ ଉପହାର ଦେଇଥିଲେ। ଏହି ଉତ୍ସବରେ ୧୦୦୦ରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ଡାବୁଗାଁ ସଂଘ ସମ୍ପାଦକ ଦିବାକର ବାରିକ, କୋଷାଧ୍ୟକ୍ଷ ରଘୁନାଥ ବିଷୋୟୀ, ବାବି ଜେନା, ରଞ୍ଜିତ ବିଷୋୟୀ, ଚୈତନ୍ୟ ବିଷୋୟୀ, ସପନ ଦେ, ଶଙ୍କର ବିଷୋୟୀ, ଲିଲି ରାୟ, ଅଞ୍ଜୁ ବିଷୋୟୀ, ତିଲୋତ୍ତମା ବାରିକ, ଜ୍ୟୋତି ମାଝି ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଗଙ୍ଗାଧର ମହାକୁଡ ଧନ୍ୟବାଦ ଦେଇଛନ୍ତି।

### ନୂଆ ଓଡ଼ିଶାର ଜିଲାସ୍ତରୀୟ ସାଂସ୍କୃତିକ ଉତ୍ସବ ପ୍ରସ୍ତୁତି

**ମାଲକାନଗିରି, ୧।୧ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ପରିଷଦ ସଭାଗୃହରେ ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅଧ୍ୟକ୍ଷତାରେ ସମସ୍ତ ମହାବିଦ୍ୟାଳୟ ଓ ବିଦ୍ୟାଳୟର ଅଧ୍ୟକ୍ଷ ଓ ନୋଡାଲ ଅଫିସରଙ୍କୁ ନେଇ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୩ ତାରିଖରେ ହେବାକୁ ଥିବା ଜିଲାସ୍ତରୀୟ ସାଂସ୍କୃତିକ ଉତ୍ସବ ପାଇଁ ଏହି ବୈଠକରେ ଆଲୋଚନା କରାଯାଇଥିଲା। ଏଥିରେ ହଜାର ହଜାର ଛାତ୍ରୀଛାତ୍ରଙ୍କ ସମାଗମ ହେବାକୁ ଥିବା ବେଳେ କାର୍ଯ୍ୟକ୍ରମ କିପରି ଶାନ୍ତିଶୃଙ୍ଖଳାର ସହ ହେବ ସେ ନେଇ ବୈଠକରେ ବିଭିନ୍ନ ବିଷୟ ଉପରେ ଆଲୋଚନା କରଯାଇଥିଲା। ବିଗତ ଦିନରେ ବିଭିନ୍ନ ମହାବିଦ୍ୟାଳୟରେ ନୂଆ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଥିବା ବେଳେ ଏଥିରେ ୩୨ ମହାବିଦ୍ୟାଳୟ ଓ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଏହି ଉତ୍ସବ ଅନୁଷ୍ଠିତ ହେବ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ ସହିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଛି। ବୈଠକରେ ନୂଆ ଓଡ଼ିଶା ଜିଲା ନୋଡାଲ ଅଫିସର ଡ. ରଞ୍ଜନ କୁମାର ସ୍ୱାଇଁ, ଏପିଡି ଫାଇନାନ୍ସ ମାନସ ମିଶ୍ର ଓ କୈଳାସ ସାହୁଙ୍କ ସହ ଅନ୍ୟାନ୍ୟ ନୋଡାଲ ଅଫିସର ଉପସ୍ଥିତ ଥିଲେ।

### ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷଙ୍କ ମାତୃ ବିୟୋଗ

**ମୁନିଗୁଡ଼ା, ୧।୧(ରାଧେଶ୍ୟାମ ଅଗ୍ରୱାଲ)**

ମୁନିଗୁଡ଼ା ବ୍ଲକ୍‌ର ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷ ବୈକୁଣ୍ଠ ବନଛୋରଙ୍କ ମା' ଦର୍ପଣୀ ବନଛୋରଙ୍କ ୯୭ ବର୍ଷ ବୟସରେ ସୋମବାର ସକଳେ ମୃତ୍ୟୁ ଘଟିଛି। ସେ କିଛିଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ମୃତ୍ୟୁ ସମୟରେ ତାଙ୍କର ୩ ପୁଅ, ୪ ଝିଅ, ନାତିନାତୁଣୀ ଉପସ୍ଥିତ ଥିଲେ। ସେ ଜଣେ ପରୋପକାରୀ ଓ ଧର୍ମପରାୟଣ ମହିଳା ଭାବେ ଅଞ୍ଚଳରେ ପରିଚିତ ଥିଲେ। ମୁନିଗୁଡ଼ା ବ୍ଲକ ବିଜେଡି ସଭାପତି ରତନ ଲାଲ ଜୈନ, ବିଜେଡି ଜିଲା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଗୌଡ଼, ଭାଜପା ରାଜ୍ୟ ଓବିସି ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ବେହେରା, କଂଗ୍ରେସ ନେତା ଡମ୍ବରୁଧର ଶତପଥୀ, ଚନ୍ଦ୍ରଶେଖର ବେହେରା, ବୃନ୍ଦାବନ ଗୌଡ଼, ପ୍ରେସ୍ କ୍ଲବ ସଭାପତି ରାଜୀବ ଲୋଚନ ଦାସ, ସମ୍ପାଦକ ନନ୍ଦକିଶୋର ପଟ୍ଟନାୟକ, ସୀମାଞ୍ଚଳ ପଣ୍ଡା, ହାଡିପା ଗୌଡ଼, କ୍ଷମା ସାଗର ଦାସ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶୋକାକୁଳ ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।

# ନୂଆବର୍ଷରେ ରେଡ୍‌କ୍ରସ୍ ପାଣ୍ଠିକୁ ଦମ୍ପତିଙ୍କ ଦାନ



ଜିଲାପାଳ ଚେକ୍ ଗ୍ରହଣ କରୁଛନ୍ତି।

**ନବରଙ୍ଗପୁର,୧।୧(ସଦାଶିବ ପ୍ରହରାଜ)**

ଅର୍ଥ ଅଭାବରୁ ରୋଗଶଯ୍ୟାରେ ପୀଡ଼ିତ,ଦୁର୍ଘଟଣାଗ୍ରସ୍ତ, ଗରିବ, ଅସହାୟ, ଦିବ୍ୟାଙ୍ଗଙ୍କୁ ଜରୁରିକାଳୀନ ସେବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଜିଲା ରେଡ୍‌କ୍ରସ୍ ପାଣ୍ଠିରୁ ଆବଶ୍ୟକ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥାଏ । ଜରୁରିକାଳୀନ ପରିସ୍ଥିତିରେ ସମାଜ ସେବାରେ ସିଧାସଳଖ ରେଡ୍‌କ୍ରସ ପାଣ୍ଠି ଲୋକଙ୍କ କାମରେ ଲାଗିଥାଏ। ତେଣୁ ନବବର୍ଷ ଅବସରରେ ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସାଧିକାରୀ ଡା. ରାଧେଶ୍ୟାମ ଲାଏକ, ଜିଲା ସମାଜ କଲ୍ୟାଣ ଅଧିକାରୀ ଶିବାନୀ ଗୁହା ଜିଲା ରେଡ୍‌କ୍ରସ ପାଣ୍ଠିକୁ ୧୦ ହଜାର ଟଙ୍କା ଦେଇଛନ୍ତି। ସେମାନେ ଏକ ଚେକ୍ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଜିଲାପାଳ ଡ. କମଳଲୋଚନ ମିଶ୍ରଙ୍କୁ ପ୍ରଦାନ କରିଛନ୍ତି। ଜିଲାପାଳ ମିଶ୍ର ସେମାନଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇବା ସହ ରେଡ୍‌କ୍ରସ୍ ପାଣ୍ଠିରୁ ଟଙ୍କା ଦେଇଥିବାରୁ ଧନ୍ୟବାଦ ଜଣାଇଛନ୍ତି। ଜରୁରିକାଳୀନ ପରିସ୍ଥିତିରେ ଲୋକଙ୍କ ହିତରେ ରେଡ୍‌କ୍ରସ୍ ପାଣ୍ଠିରୁ ଖର୍ଚ୍ଚ ହେଉଛି। ତେଣୁ ଜିଲା ରେଡ୍‌କ୍ରସ୍ ପାଣ୍ଠିକୁ ଦାନ କରିବାକୁ ଜିଲାପାଳ ମିଶ୍ର ଆହ୍ୱାନ ଦେଇଛନ୍ତି। ପ୍ରକାଶ ଯେ, ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସାଧିକାରୀ ଡା. ରାଧେଶ୍ୟାମ ଲାଏକ, ଜିଲା ସମାଜ କଲ୍ୟାଣ ଅଧିକାରୀ ଶିବାନୀ ଗୁହା ସମ୍ପର୍କରେ ସ୍ୱାମୀ ସ୍ତ୍ରୀ।

# ଅଭିଯୁକ୍ତଙ୍କୁ ଜଗଦଳପୁରରୁ ଧରିଲା ଉମରକୋଟ ପୋଲିସ

**ଉମରକୋଟ, ୧।୧(ସନ୍ତୋଷ ଶତପଥୀ)**

**ପଥର ଛେଚି ଯୁବକଙ୍କୁ ହତ୍ୟା ଘଟଣା**

ଛତିଶଗଡ଼ କୋଣ୍ଡାଗାଁର ରାମ ସିଂ ଜାନିଙ୍କ ହତ୍ୟା ଘଟଣାରେ ଉମରକୋଟ ପୋଲିସ ଜଗଦଳପୁରରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ରାମ ସିଂଙ୍କ ସମ୍ପର୍କୀୟ ଭାଇ ନରେଶ କଶ୍ୟପ।

ସୂଚନାନୁଯାୟୀ, ରାମ ସିଂ ଓ ନରେଶ ଉଭୟଙ୍କ ଶ୍ୱଶୁରଘର ନବରଙ୍ଗପୁର ଜିଲା ଉମରକୋଟ ଥାନା ଅଧୀନ ଝରିଗାଁ ବ୍ଲକ ତେଲ ନଦୀ ଗ୍ରାମର ପେଙ୍ଗୁସାହିରେ। ରାମସିଂ ଓ ନରେଶ ଉଭୟ ଶ୍ୱଶୁରଘରକୁ ବୁଲି ଆସିଥିଲେ। ଗତ ୨୧ ତାରିଖରେ ନିଶାସକ୍ତ ଅବସ୍ଥାରେ ସେମାନେ ଘରୁ ବାହାରିଥିଲେ। ରାତିରେ ଆଉ ଫେରି ନ ଥିଲେ। ପରଦିନ ସକାଳେ ଗାଁଠାରୁ ୫୦ ମିଟର ଦୂରରେ ଥିବା ନଦୀ ନିକଟରେ ରାମ ସିଂଙ୍କ ମୃତଦେହ ମିଳିଥିଲା। ତାଙ୍କ ମୁଣ୍ଡରେ ପଥର ଛେଚି ହତ୍ୟା କରାଯାଇଥିଲା। ରାମ ସିଂଙ୍କ ମୃତଦେହ ଉପରେ ନରେଶଙ୍କ ଗାମୁଛା ଆଉ ଶାଲ୍ ଘୋଡ଼ାଯାଇଥିଲା। ଘଟଣାପରଠାରୁ ନରେଶଙ୍କର କୌଣସି ପତ୍ତା ନ ଥିଲା। ନରେଶଙ୍କ ଉପରେ ପୋଲିସର ସନ୍ଦେହ ହୋଇଥିଲା। ଉମରକୋଟ ଥାନାଧିକାରୀ ଡମ୍ବରୁଧର ପ୍ରଧାନ ଅଭିଯୁକ୍ତଙ୍କୁ ଧରିବାକୁ ଚେଷ୍ଟା ଚଳାଇଥିଲେ। ନରେଶ ଜଗଦଳପୁରରେ ଲୁଚିଥିବା ନେଇ ଥାନାଧିକାରୀ ବିଶେଷ ସୂତ୍ରରୁ ଖବର ପାଇଥିଲେ। ଥାନାଧିକାରୀ ପ୍ରଧାନ, ସବ୍‌ଇନ୍ସପେକ୍ଟର ପ୍ରକାଶ ଚନ୍ଦ୍ର ମିଶ୍ର ଏକ ଟିମ୍ ସହ ଜଗଦଳପୁର ଯାଇ ସେଠାରୁ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ସୋମବାର ନରେଶଙ୍କୁ କୋର୍ଟ ଚାଲାଣ କରାଯାଇଛି। ଉମରକୋଟ ଥାନାରେ ୩୪୨/୨୩ ରେ ମାମଲା ରୁଜୁ ହୋଇଛି।




# ବିଡିଓଙ୍କ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

**ମାଲକାନଗିରି,୧।୧(ଦୁର୍ଯ୍ୟୋଧନ ପାତ୍ର)**

ନୂତନ ବର୍ଷ ଅବସରରେ ମାଲକାନଗିରି ବିଡିଓ ପ୍ରଭାତୀ ଝୋଡ଼ିଆଙ୍କ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ମାଲକାନଗିରି ସଦର ବ୍ଲକ ସ୍ଥିତ ଝରାପାଲ୍ଲୀ ପଞ୍ଚାୟତରେ ଏହି ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଝରାପାଲ୍ଲୀ ସରପଞ୍ଚ ବିମଳା ମାଡକାମି, ନାଏବ ସରପଞ୍ଚ ଗଙ୍ଗାଧର ପଡିଆମି, ସମିତିସଭ୍ୟ ନରସିଂହ ମାଡକାମି, ଜିଲା ପରିଷଦ ସଭ୍ୟା କୁନି ଭୂମିଆ, ଉପ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଅଭିଜିତ ସେଠୀ, ଯୋଗାଣ ନିରୀକ୍ଷକ ପ୍ରଭନ ମହାନ୍ତି, ବିପିସି ମନୋରଂଜନ ଦାସ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁସ୍ମିତା ମାଝି ତଥା ଅନ୍ୟାନ୍ୟ ବ୍ଲକସ୍ତରୀୟ ଅଧିକାରୀ ତଥା ୱାର୍ଡମେମ୍ବରମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଝରାପାଲ୍ଲୀ ଅଞ୍ଚଳର ଶତାଧିକ ଜନତା ନିଜ ନିଜର ଅଭିଯୋଗ ନେଇ ଆସି ବିଡିଓଙ୍କ ନିକଟରେ ଶୁଣାଣି କରିଥିଲେ। ବିଡିଓଙ୍କ ଦ୍ୱାରା ସମୁଦାୟ ୬୮ ଅଭିଯୋଗର ଶୁଣାଣି କରାଯାଇଥିଲା। ବିଶେଷକରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପାନୀୟ ଜଳ ସମସ୍ୟା, ସ୍ୱାସ୍ଥ୍ୟ, ଶିକ୍ଷା ଓ ରାସ୍ତାଘାଟ ଉପରେ ଲୋକମାନେ ଅଭିଯୋଗ କରିଥିଲେ। ଶୁଣାଣି ପରେ ସମସ୍ୟା ସମାଧାନ କରାଯିବ ବୋଲି ବିଡିଓ ଝୋଡିଆ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମକୁ ଝରାପାଲ୍ଲୀ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅଶୋକ ମହାନ୍ତି ପରିଚାଳନା କରିଥିଲେ।



ବିଡିଓ ଏବଂ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

# ଦୁର୍ଘଟଣାରେ ଚାଳକ ମୃତ

**ମୋହନା/ଚନ୍ଦ୍ରଗିରି,୧।୧(ମନ୍ମଥ ମିଶ୍ର)**

ଗଜପତି ଜିଲା ମୋହନା ଥାନା ଚନ୍ଦ୍ରଗିରି ଟିଟିଂ ଘାଟିରେ ଏକ ଗଛକୁ ବାଇକ୍ ପିଟିହେବାରୁ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରାମଗିରି ଥାନା ଚରଞ୍ଚଡରଖତ ଗାଁର ସୁକାନ୍ତ ରଇତ (୩୧)। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ପ୍ରକାରେ, ରବିବାର ବିଳମ୍ବିତ ରାତିରେ ସୁକାନ୍ତ ଏକ ବାଇକ ଯୋଗେ ମୋହନାରୁ ନିଜ ଗାଁ ଚାଞ୍ଚଡାଖତ ଗାଁକୁ ଯାଉଥିଲେ। ତେବେ ଚନ୍ଦ୍ରଗିରି ଟିଟିଂ ଘାଟିରେ ବାଇକ୍‌ଟି ଭାରସାମ୍ୟ ହରାଇ ଏକ ଗଛକୁ ପିଟି ହୋଇ ଯାଇଥିଲା। ଫଳରେ ଘଟଣା ସ୍ଥଳରେ ହିଁ ସୁକାନ୍ତଙ୍କ ମୃତ୍ୟୁ ଘଟିଥିଲା। ଚନ୍ଦ୍ରଗିରି ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରିଛି।

# ଢାବାରେ ୧୨ ଯୁବକଙ୍କ ଭଙ୍ଗାରୁଜା

**ଛତ୍ରପୁର,୧।୧(ଦିଲୀପ ସାମଲ) :**

ଗଞ୍ଜାମ ଜିଲା ଛତ୍ରପୁର ଥାନା ଅଧିନ ଡେଭର ଢାବାରେ ରବିବାର ଜିରୋ ନାଇଟ୍ ବେଳେ ୧୨ରୁ ଊର୍ଦ୍ଧ୍ୱ ଯୁବକ ଗଣ୍ଡଗୋଳ କରିବା ସହିତ ବିଭିନ୍ନ ଆସବାପତ୍ର ଭଙ୍ଗାରୁଜା କରି ଫେରାର୍ ହୋଇଯାଇଛନ୍ତି। ପ୍ରଥମେ ୪ ଯୁବକ ଢାବାକୁ ଆସି ସେଠାରେ ମଦ୍ୟପାନ କରିବାକୁ ଜିଦ୍ ଧରିଥିଲେ। ଢାବା ମାଲିକ ରବିନ୍ଦ୍ର ନାଥ ମିଶ୍ର ବାରଣ କରିବାରୁ ଯୁକ୍ତିତର୍କ ହୋଇଥିଲା। ପରେ ଯୁବକମାନେ ତାଙ୍କ ସାଙ୍ଗସାଥୀଙ୍କୁ ଫୋନ କରି ସେଠାକୁ ଡକାଇଥିଲେ। ୧୨ ଜଣ ଯୁବକ ଆସି ଢାବାର ବିଭିନ୍ନ ସାମଗ୍ରୀ ଭାଙ୍ଗିବା ସହ ୩ ଜଣ କର୍ମଚାରୀଙ୍କୁ ମାଡ ମାରି ୫ହଜାର ୫ଶହ ଟଙ୍କା ଛଡେଇ ନେଇଥିବା ଅଭିଯୋଗ ହୋଇଛି। ଯୁବକମାନଙ୍କ ହାତରେ ଖଣ୍ଡା ଓ ଲୁହା ରଡ ଥିବା ଢାବା ମାଲିକ କହିଥିଲେ।

# ଜିଲାସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରତିଭା ଚୟନ

**ମାଲକାନଗିରି,୧।୧(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲାର ବିଭିନ୍ନ କଲେଜରେ ପାଳିତ ହୋଇଥିବା ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜଲାସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ସଦରରେ ଥିବା ସଂସ୍କୃତି ଭବନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଏହାକୁ ଜିଲା ସୂଚନା ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝି ପରିଚଳନା କରିଥିଲେ। ବିଭିନ୍ନ ମହାବିଦ୍ୟାଳୟ ଛାତ୍ରୀଛାତ୍ର ନୃତ୍ୟ, ସଙ୍ଗୀତ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ନୃତ୍ୟରେ ମୁନା ତନ୍ତି ଗ୍ରୁପ, ଈଶ୍ୱର ମାଡ଼କମି ଗ୍ରୁପ, ଶୁଚିସ୍ମିତା ଦାସ ଗ୍ରୁପ ଓ ସଙ୍ଗୀତରେ ପ୍ରିୟଦର୍ଶିନୀ ନାୟକ, କୈଳାସ ବାଗ, ମିନତୀ ସରଙ୍ଗିଆ ଗ୍ରୁପ୍ କୃତିତ୍ୱ ହାସଲ କରିଛନ୍ତି। ଏହି କୃତୀ ଛାତ୍ରଛାତ୍ରୀଙ୍କୁ ଆସନ୍ତା ୩ ତାରିଖରେ ଷ୍ଟାଡିୟମରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ହେବାକୁ ଥିବା ସାଂସ୍କୃତିକ ମହାକୁମ୍ଭ ମୋହବରେ ସମ୍ମାନିତ କରାଯିବ ।



ଜଣେ ଛାତ୍ରୀ ସଂଗୀତ ପରିବେଷଣ କରୁଛନ୍ତି।

# ଜିଲା ମିଲ୍ ଶ୍ରମିକ ସଙ୍ଗଠନ ଗଠିତ

**ନବରଙ୍ଗପୁର,୧।୧(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲା ମିଲ୍ ଶ୍ରମିକ ସଙ୍ଗଠନ ଜିଲାର ମିଲ୍ ଡ୍ରାଇଭର, ହେଲ୍‌ପର, କୁଲି, ଖଲାସୀଙ୍କୁ ନେଇ ଗଠିତ ହେଇଛି। ଜିଲାର ସମସ୍ତ ରାଇସ ମିଲ୍, କାଜୁ ମିଲ୍ ଏବଂ ଚୁଡା ମିଲ୍‌ର ଶ୍ରମିକ, ଡ୍ରାଇଭର, କୁଲି, ଖଲାସୀ କର୍ମକର୍ତ୍ତା ଏଥିରେ ଅଛନ୍ତି। ସିରାଜ ଉଦ୍ଦିନ ଅହମଦଙ୍କୁ ସଂଘ ସଭାପତି, ବାମଦେବ ଧାକଡ଼ ସମ୍ପାଦକ, ଶେଖ ଗଫୁର ସହ ସମ୍ପାଦକ, ପ୍ରଫୁଲ୍ଲ ମହାନ୍ତି ଉପସଭାପତି ଏବଂ କୋଷାଧ୍ୟକ୍ଷ ଭାବେ ପାଇଡି ତାଲ୍ଲୀଙ୍କୁ ଚୟନ କରାଯାଇଛି। କାର୍ଯ୍ୟକାରୀ ସଭ୍ୟ ଭାବେ ୮ଜଣଙ୍କୁ ଚୟନ କରାଯାଇଛି।

# ରାମାୟଣ,ମହାଭାରତ ଭଳି ଜନପ୍ରିୟ ହେଉଛି ଲକ୍ଷ୍ମୀ ପୁରାଣ

**ନବରଙ୍ଗପୁର,୧।୧(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ସହରସ୍ଥିତ କୁଞ୍ଜବିହାରୀ ପାଠାଗାରରେ ସଭାପତି ନାରାୟଣ ପଣ୍ଡାଙ୍କ ଆହ୍ୱାନକ୍ରମେ ମାସିକ ସାହିତ୍ୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଭାରତୀ ବିଷୋୟୀ ଏବଂ ଡ. ନୀଳକଣ୍ଠ ପାଢ଼ୀ ଯୋଗଦେଇ ଲକ୍ଷ୍ମୀ ପୁରାଣ ଉପରେ ବକ୍ତବ୍ୟ ରଖିଥିଲେ। ଓଡ଼ିଶାର ଘରେ ଘରେ ରାମାୟଣ, ମହାଭାରତ ଭଳି ଲକ୍ଷ୍ମୀ ପୁରାଣ ମଧ୍ୟ ଜନପ୍ରିୟ ହୋଇପାରିଛି। ସେ ସମୟରେ ସମାଜରେ ଦେଖାଦେଇଥିବା ଛୁଆଁ ଅଛୁଆଁ, ଉଚ୍ଚ ନୀଚ ଭେଦଭାବ ସହ ନାରୀ ପୁରୁଷର ବଞ୍ଚିବାର ସମାନ ଅଧିକାର ସମ୍ପର୍କରେ ଲକ୍ଷ୍ମୀ ପୁରାଣରେ ବର୍ଣ୍ଣିତ ହୋଇଛି। ଏଥିସହ ପରିବାର ପାଇଁ ନାରୀ ପୁରୁଷଙ୍କ ଆବଶ୍ୟକତା ସମାନ ବୋଲି ମତ ପ୍ରକାଶ ପାଇଥିଲା। ହରିହର ନାୟକ, ଜୟଦେବ ଗଣ୍ଡ, ବିଜୟ ଚୌଧୁରୀ, ଜଗଦୀଶ ଚନ୍ଦ୍ର ତ୍ରିପାଠୀ, ହରପ୍ରସାଦ ଦାସ, ସର୍ବେଶ୍ୱର ତ୍ରିପାଠୀ, ସୁବାସ ବିଷୋୟୀ, ଜେମାମଣି ବିଷୋୟୀ, ଆଶୁତୋଷ ପାତ୍ର, ପି.ରବିକାନ୍ତ ରଘୁରାମ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଡ. ରାଧାନାଥ ବେହେରା, ଗୋପବନ୍ଧୁ ବିଷୋୟୀ, ନିରଞ୍ଜନ ମିଶ୍ର, ରଘୁ ପାତ୍ର, କୁମୁଦ ପଟ୍ଟନାୟକ, ବୈଦେହୀ ପଣ୍ଡା, ତ୍ରିବିକ୍ରମ ନନ୍ଦ, କୃଷ୍ଣ ଦାସ ଦମୟନ୍ତୀ ବେହେରା , ସୁରୁଜ ତ୍ରିପାଠୀ, ସାନୁଜ ପାତ୍ର, ପ୍ରଭାସିନୀ ମହାନ୍ତି ସାହିତ୍ୟ ଆଲୋଚନାକୁ ଆଗକୁ ଏମିତି ଜାରି ରଖିବାକୁ ସାହାଯ୍ୟ ସହଯୋଗ ରହିବ ବୋଲି କହିଥିଲେ। ନାଟ୍ୟକାର ଜଗନ୍ନାଥ ବେହେରା ଧନ୍ୟବାଦ ଦେଇଥିଲେ।




ଆଲୋଚନା କରାଯାଉଛି ।

# ଗାଁ ସଫାକଲେ, ପିଲାଙ୍କୁ ପଢ଼ାଇଲେ

**ଏନ୍‌ଏସ୍‌ଏସ୍‌ର ୭ ଦିନିଆ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ**

**ନବରଙ୍ଗପୁର,୧।୧(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ମହାବିଦ୍ୟାଳୟର ବାଳିକା ଏନ୍‌ଏସ୍‌ଏସ୍ ପକ୍ଷରୁ ଚାଲିଥିବା ଶୀତକାଳୀନ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହା ୨୪ ତାରିଖରୁ ୭ଦିନ ବ୍ୟାପୀ ଚାଲିଥିଲା। ସ୍ୱେଚ୍ଛାସେବୀମାନେ ୭ଦିନ ଧରି ନିୟମିତ ସଫେଇ, ଶିଶୁଙ୍କୁ ଶିକ୍ଷାଦାନ ସହ ଅନେକ କାର୍ଯ୍ୟକ୍ରମ କରୁଥିଲେ।

ପ୍ରଥମ ଦିନରେ ପୋଷ୍ୟଗ୍ରାମ ନୀଳକଣ୍ଠଗୁଡ଼ାରେ ଶିବିର ଉଦ୍‌ଘାଟନ କରାଯାଇଥିଲା । କଲେଜ ଅଧ୍ୟକ୍ଷ ଡ. ଭାସ୍କରନାଥ ବିଶ୍ୱାଳ, ଏନ୍‌ଏସ୍‌ଏସ୍ ଜିଲା କାର୍ଯ୍ୟକ୍ରମ ଅଧିକାରୀ ବିନୋଦ ବିହାରୀ ନାୟକ, ପୂର୍ବତନ ଜିଲା କାର୍ଯ୍ୟକ୍ରମ ଅଧିକାରୀ ଦିଲୀପ ହୋତା, ପୂର୍ବତନ ଜିଲା ଆବାହକ ଶମ୍ଭୁପ୍ରସାଦ ହୋତା, କାର୍ଯ୍ୟକ୍ରମ ଅଧିକାରୀ ଜାହାଙ୍ଗୀର ମହମ୍ମଦ ଏବଂ ମାନସୀ ମହାପାତ୍ର ସ୍ୱେଚ୍ଛାସେବୀଙ୍କୁ ଶିବିର ମହତ୍ତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। ଗ୍ରାମ ସଫେଇ ସହ ଗାଁର ପିଲାଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା। ଦ୍ୱିତୀୟ ଦିବସରେ ବୈପାରିଗୁଡ଼ା ଶହୀଦ ଲକ୍ଷ୍ମଣ ନାୟକ ମହାବିଦ୍ୟାଳୟର କାର୍ଯ୍ୟକ୍ରମ ଅଧିକାରୀ ହିମାଂଶୁ ଶେଖର ବକ୍ସି ଯୋଗଦେଇ ସ୍ୱେଚ୍ଛାସେବୀଙ୍କୁ ଏନ୍‌ଏସ୍‌ଏସ୍ ଆଦର୍ଶ, ଉଦ୍ଦେଶ୍ୟ ଏବଂ ସିଦ୍ଧାନ୍ତ ସମ୍ବନ୍ଧରେ ବୁଝାଇଥିଲେ। ପଞ୍ଚମ ଦିବସରେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଚିକିତ୍ସା ଅଧିକାରୀ ଆଲକା ମିଶ୍ର ଯୋଗଦେଇ ନାରୀ ସମାଜର ବିଭିନ୍ନ ଶାରୀରିକ ଏବଂ ମାନସିକ ସମସ୍ୟା ଉପରେ ଆଲୋଚନା କରିଥିଲେ। ଶେଷ ଦିନରେ ସମାଜିକ କର୍ମୀ, ବରିଷ୍ଠ କବୟିତ୍ରୀ, ପୂର୍ବତନ ଶିଶୁ କଲ୍ୟାଣ କାର୍ଯ୍ୟକ୍ରମ ଅଧିକାରୀ ମନୋରମା ମାଝି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ଅଧ୍ୟକ୍ଷ ବିଶ୍ୱାଳ ଶିବିର ସଫଳତା ପାଇଁ ଗ୍ରାମବାସୀ ଏବଂ ସ୍ୱେଚ୍ଛାସେବୀଙ୍କୁ ସାଧୁବାଦ୍ ଦେଇଛନ୍ତି। ନୃତ୍ୟଗୀତ ଆସର ମଧ୍ୟରେ କ୍ୟାମ୍ପ ଫାଇରରେ ଯୋଗଦେଇ ସ୍ୱେଚ୍ଛାସେବୀ ଉଲ୍ଲସିତ ହେଇଥିଲେ। ପରସ୍ପରରୁ ବିଦାୟ ନେଇ ଭାବବିହ୍ୱଳ ହୋଇପଡ଼ିଥିଲେ। ଜାତୀୟ ସେବା ଯୋଜନା (ବାଳିକା) ସାତ ଦିନର ଶୀତକାଳୀନ ଶିବିରର ସଫଳତାପାଇଁ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀ ସହଯୋଗ କରିଥିଲେ। ଶିବିର ପରିଚାଳନା ଦାୟିତ୍ୱ କାର୍ଯ୍ୟକ୍ରମ ଅଧିକାରୀ ମାନସୀ ମହାପାତ୍ର ନିର୍ବାହ କରିଥିଲେ।




ଏନ୍‌ଏସ୍‌ଏସ୍‌ର ସ୍ୱେଚ୍ଛାସେବୀମାନେ ପିଲାମାନଙ୍କୁ ପଢ଼ାଉଛନ୍ତି।

